## ସଂକ୍ଷେପରେ

### ଓସିଏସ୍ ପରୀକ୍ଷାରେ ମାଲକାନଗିରି ଜିଲ୍ଲାରୁ ଉତ୍ତୀର୍ଣ୍ଣ ହେଲେ ୪

ମାଲକାନଗିରି,୮।୧୦(ଡି.ଏନ.ଏ.)- ମାଲକାନଗିରି ଭଳି ଉପାନ୍ତ ଜିଲ୍ଲାରୁ ଓଡ଼ିଶା ସିଭିଲ ସର୍ଭିସ୍ (ଓସିଏସ୍) ପରୀକ୍ଷାରେ ୪ ଜଣ ଯୁବତୀଯୁବକ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହା ଜିଲ୍ଲା ପାଇଁ ବିଶେଷ ସଫଳତା ଆଣି ଦେଇଛି। ରାଜ୍ୟରେ ପଞ୍ଚମ ସ୍ଥାନ ଦେବବ୍ରତ ମହାରଣା ପାଇଥିବା ବେଳେ ୯୧ତମ ସ୍ଥାନରେ ପ୍ରିୟା ପ୍ରିୟମିତା ସାମନ୍ତରାୟ ରହିଛନ୍ତି। ସେହିପରି ଏମ୍‌ଭି-୭ ଗ୍ରାମର ଦେବାଶିଷ ବିଶ୍ୱାସ ୨୮୩ ର୍‌ୟାଙ୍କ ପାଇଥିବା ବେଳେ ପଡ଼ିଆ ବ୍ଲକ ଏମ୍‌ପିଭି-୬୬ ଗ୍ରାମର ସୁମନ ସରକାର ୨୪୯ ର୍‌ୟାଙ୍କରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସଫଳତା ପାଇଥିବା ଯୁବତୀଯୁବକମାନେ ଏଥିପାଇଁ ସେମାନଙ୍କ ଶିକ୍ଷୟିତ୍ରୀ ଶିକ୍ଷକ ଓ ମାତାପିତାଙ୍କୁ ଶ୍ରେୟ ଦେଇଛନ୍ତି।

### ଶାନ୍ତିଶୃଙ୍ଖଳାରେ ସରିଲା ମାଥିଲି ଦୁର୍ଗାପୂଜା

ମାଥିଲି,୮।୧୦(ଡି.ଏନ.ଏ.)-ମାଥିଲିରେ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି ଦଶହରା। ୫ ଦିନ ଧରି ମଣ୍ଡପରେ ମା' ଙ୍କ ଆଶୀର୍ବାଦ ନେଇଛନ୍ତି ଶ୍ରଦ୍ଧାଳୁ। ଷଷ୍ଠୀଠାରୁ ଦଶମୀ ପର୍ଯ୍ୟନ୍ତ ପୂଜାମଣ୍ଡପଗୁଡ଼ିକରେ ମା'ଙ୍କ ଦର୍ଶନ ଲାଗି ଦେଖିବାକୁ ମିଳିଥିଲା ଅସମ୍ଭବ ଭିଡ଼। ପ୍ରତ୍ୟହ ସନ୍ଧ୍ୟାରୁ ରାତି ପର୍ଯ୍ୟନ୍ତ ରଙ୍ଗିନ ଆଲୋକମାଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ନେଇଥିଲେ ସମସ୍ତେ। ଦେଶିଆ ନାଟକ ସହ ନିଜ ସେଲ୍‌ଫି ଉଠାଇବା ଲାଗି ପୂଜାମଣ୍ଡପଗୁଡ଼ିକରେ ଦେଖିବାକୁ ମିଳିଥିଲା ସମସ୍ତଙ୍କ ମଧ୍ୟରେ ଉତ୍ସାହ ଓ ଆଗ୍ରହ। ସାର୍ବଜନୀନ ଦୁର୍ଗାପୂଜା କମିଟି ସଭାପତି କେ. ଶିବପ୍ରସାଦଙ୍କ ତତ୍ତ୍ୱାବଧାନରେ ହୋଇଥିଲା ଶାନ୍ତିଶୃଙ୍ଖଳା ରକ୍ଷା। ଏ ଦିଗରେ ଥାନା ଅଧିକାରୀ ସୂର୍ଯ୍ୟପ୍ରକାଶ ନାୟକଙ୍କ ସହ ଓ ଅନ୍ୟ କର୍ମଚାରୀମାନେ ସହାୟତା କରିଥିଲେ ।

### ୨୪ ଘଣ୍ଟାରେ ଜୁଆ ଆଡ୍ଡାରୁ ୧୧୧ ଗିରଫ

ଛତ୍ରପୁର,୮।୧୦(ଡି.ଏନ.ଏ.)-ଗଞ୍ଜାମ ଜିଲାରେ ଜୁଆଖେଳ ଉପରେ ରୋକ ଲଗାଇବା ପାଇଁ ପୋଲିସ ପକ୍ଷରୁ ସ୍ପେଶାଲ ଡ୍ରାଇଭ୍ ଚାଲିଛି। ଗତ ୨୪ ଘଣ୍ଟା ମଧ୍ୟରେ ଗଞ୍ଜାମ ପୋଲିସ ଜିଲା ଅଧୀନ ବିଭିନ୍ନ ଥାନା ପକ୍ଷରୁ ଜୁଆ ଆଡ୍ଡାଗୁଡିକ ଉପରେ ଚଢାଉ କରାଯାଇଥିଲା । ଏହି ଖେଳଗୁଡିକରୁ ମୋଟ ୩,୧୯,୫୮୫ ଟଙ୍କା ଓ ୧୫ଟି ମୋବାଇଲ ଫୋନ ଜବତ ହୋଇଛି। ଚଢ଼ାଉ ବେଳେ ୧୧୧ଜଣଙ୍କୁ ଗିରଫ କରାଯାଇଥିବା ଗଞ୍ଜାମ ଏସପି ବ୍ରିଜେଶ କୁମାର ରଏ ସୂଚନା ଦେଇଛନ୍ତି। ରବିବାର କୁମାର ପୂର୍ଣ୍ଣିମା ଓ ଦୀପାବଳି ଥିବାରୁ ଏହି ସ୍ପେଶାଲ ଡ୍ରାଇଭ୍ ଜାରି ରହିବ ବୋଲି କୁହାଯାଇଛି। ସୂଚନାଯୋଗ୍ୟ, ଗତ ୪୮ ଘଣ୍ଟା ମଧ୍ୟରେ ଗଞ୍ଜାମ ପୋଲିସ ଜିଲା ଅଧୀନ ବିଭିନ୍ନ ଥାନା ପୋଲିସ ପକ୍ଷରୁ ବିଭିନ୍ନ ଜୁଆ ଆଡ୍ଡାରେ ଚଢାଉ କରି ୨୨୩ ଜଣଙ୍କୁ ଗିରଫ କଲାଣି ।

### ପୋଖରୀରୁ ମିଳିଲା ମହିଳାଙ୍କ ମୃତଦେହ

ବ୍ରହ୍ମପୁର ଅଫିସ,୮।୧୦: ବ୍ରହ୍ମପୁର ଟାଉନ ଥାନା ଅନ୍ତର୍ଗତ କଂଗ୍ରେସ ଭବନ କଡ଼ରେ ଥିବା ବିଜିପୁର ପୋଖରୀରୁ ପୋଲିସ ଶନିବାର ଜଣେ ମହିଳାଙ୍କ ମୃତଦେହ ଜବତ କରିଛି। ମୃତ ମହିଳା ହେଲେ ଆସ୍କାରୋଡ ବାଲାଜୀପେଣ୍ଠ ସାହିର କେ. ବସନ୍ତ ରାଓଙ୍କ ସ୍ତ୍ରୀ କେ. ରାବଣାମ୍ମା(୫୧)। ଶୁକ୍ରବାର ସନ୍ଧ୍ୟାରୁ ସେ ଘରୁ କେଉଁଆଡ଼େ ଚାଲିଯାଇଥିବା ବେଳେ ଶନିବାର ସକାଳେ ତାଙ୍କ ମୃତଦେହ ଏକ ପୋଖରୀରୁ ମିଳିଛି। ପୂର୍ବରୁ ମହିଳା ଜଣଙ୍କ ଏକ କୂଅକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ ବୋଲି ପୋଲିସ ଜାଣିବାକୁ ପାଇଛି। ଏଣୁ ମହିଳା ଜଣଙ୍କ ପୋଖରୀରେ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ସନ୍ଦେହ କରୁଛି। ପୋଖରୀ ନିକଟରେ ମୃତକଙ୍କ ଝିଅ କେ. ପାପୟା ପହଞ୍ଚି ମା'ଙ୍କ ମୃତଦେହ ଚିହ୍ନଟ କରିଥିବା ପୋଲିସ କହିଛି। ପୋଲିସ ମୃତଦେହ ଜବତ କରି ନଂ.୧୭/୨୨ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପ୍ରକାଶ ଯେ, ବାଲାଜୀପେଣ୍ଠ ସାହିରେ କେ. ବସନ୍ତ ରାଓ ଓ ତାଙ୍କ ସ୍ତ୍ରୀ କେ. ରାବଣାମ୍ମା ରହୁଥିଲେ। ତାଙ୍କର ଦୁଇ ଝିଅ ଅଛନ୍ତି,ସେମାନେ ବିବାହିତ। କୌଣସି କାରଣକୁ ନେଇ ମହିଳା ଜଣଙ୍କ ଗତ କିଛିଦିନ ହେଲା ଚିନ୍ତିତ ରହୁଥିଲେ। ଶୁକ୍ରବାର ସନ୍ଧ୍ୟାରେ ମହିଳା ଜଣଙ୍କ ଘରୁ କେଉଁଆଡ଼େ ଚାଲିଯାଇଥିଲେ। ବସନ୍ତ ଏନେଇ ତାଙ୍କ ଦୁଇ ଝିଅକୁ ଖବର କରିଥିଲେ। ଝିଅମାନେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ସନ୍ଧାନ ମିଳି ନ ଥିଲା। ରାତିରେ ମହିଳା ଜଣଙ୍କ ଘରକୁ ଫେରି ନ ଥିବା ବେଳେ ଶନିବାର ବିଜିପୁର ପୋଖରୀରେ ଜଣେ ମହିଳାଙ୍କ ମୃତଦେହ ଭାସୁଥିବା ଖବର ମିଳିଥିଲା। ଖାଲସୀ ସାହିରେ ରହୁଥିବା ବସନ୍ତଙ୍କ ଝିଅ କେ. ପାପୟା ସେଠାରେ ପହଞ୍ଚି ସେ ପୋଲିସକୁ ଏନେଇ ଜଣାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ପୋଖରୀରୁ ମୃତଦେହ ଉଦ୍ଧାର କରାଯାଇଥିଲା।

# ଜେଜେମା'ଙ୍କ କାନ୍ଧରେ ୨ ନାତିଙ୍କ ଭବିଷ୍ୟତ

କୋରାପୁଟ,୮।୧୦(ସ୍ୱ.ପ୍ର.)



ରାସ୍ତାକଡ଼ରେ ମକା ପୋଡୁଛନ୍ତି ଅଳଙ୍କମଣି।

ଦୁଇ ନାତିଙ୍କ ଭବିଷ୍ୟତ ପାଇଁ ଦିନ ରାତି ଏକକରି ରାସ୍ତାକଡରେ ମକା ବିକ୍ରିକରି ପରିବାର ଚଳାଉଛନ୍ତି ଜେଜେମା'। ସେଥିରୁ ଯାହା ରୋଜଗାର ହେଉଛି ଦୁଇ ନାତିଙ୍କ ସମେତ ସେ ଦୁଃଖ କଷ୍ଟରେ ଚଳିଯାଉଛନ୍ତି। ବୟସର ଅପରାହ୍ନରେ ପହଞ୍ଚିଥିଲେ ମଧ୍ୟ ଦୁଇ ନାତିଙ୍କୁ କେବେ ଅବହେଳା କରିନାହାନ୍ତି ସେ। ଏପରି ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି କୋରାପୁଟ ଜିଲା ସଦର ବ୍ଲକ ଅନ୍ତର୍ଗତ ମସ୍ତିପୁଟ ପଞ୍ଚାୟତ ବଙ୍ଗଳାଗୁଡ଼ା ଗ୍ରାମରେ। ଏହି ଗ୍ରାମର ଅଳଙ୍କମଣି କନ୍ଦପାନ ନିଜ ପରିବାରକୁ ନେଇ ହସ ଖୁସିରେ ଚଳୁଥିଲେ। ପୁଅ ବୋହୂ, ଦୁଇ ନାତି ଓ ସ୍ୱାମୀଙ୍କୁ ନେଇ ତାଙ୍କ ସଂସାର ଠିକ୍ ଚାଲିଥିଲା। ମାତ୍ର କୌଣସି କାରଣରୁ ପୁଅ ଆରପାରିକୁ ଚାଲିଯିବା ପରେ ବୋହୂ ଦୁଇ ପୁଅଙ୍କୁ ଛାଡ଼ି ନିଜ ଅନ୍ୟତ୍ର ଚାଲିଗଲେ। ସ୍ୱାମୀ ଚାଲିଯିବା ପରେ ଏବେ ନିଜ ଦୁଇ ନାତିଙ୍କୁ ମଣିଷ କରିବା ପାଇଁ ରାସ୍ତାକଡ଼ରେ ମକା ବିକ୍ରିକରି ଚଳୁଛନ୍ତି ଅଳଙ୍କମଣି। ସରକାରୀ ସହାୟତା କହିଲେ ୧୫ କେଜି ଚାଉଳ ସହ ଭତ୍ତା ୫୦୦ ଟଙ୍କା। ଜମିବାଡ଼ି କିଛି ନାହିଁ। ଘର ଖଣ୍ଡେ ନ ଥିବାରୁ ଭଙ୍ଗା କୁଡ଼ିଆରେ ଦିନ କାଟୁଛନ୍ତି। ତାଙ୍କୁ ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାରେ କିଣାଗଲା, ଅଥଚ କାମରେ ଲାଗୁନି

କୋରାପୁଟ ୮।୧୦(ସ୍ୱ.ପ୍ର )

- ଜୟପୁର,କୋରାପୁଟରେ ଅଚଳ ହୋଇପଡିଛି
- ସୁନାବେଡା,କୋଟପାଡ଼ରେ ଅଧିକ ବ୍ୟୟବରାଦ ରୋକିଛି ସଫେଇ

କୋରାପୁଟ, ଜୟପୁର, ସୁନାବେଡ଼ା ମ୍ୟୁନିସିପାଲଟି ଏବଂ କୋଟପାଡ ଏନଏସିରେ ରାସ୍ତା ସଫା କରିବାକୁ ଜିଲା ଖଣିଜ ପାଣ୍ଠିରୁ ୨୮ ଲକ୍ଷ ୫୦ ହଜାର ଟଙ୍କାରେ ରୋଡ ସୁଇପର ମେସିନ କ୍ରୟ କରାଯାଇଥିଲା। ତେବେ ଯେଉଁ ଉଦ୍ଦେଶ୍ୟ ନେଇ ଏହି ମେସିନ କ୍ରୟ କରାଯାଇଥିଲା ତାହା ସଫଳ ହୋଇନାହିଁ। କୋରାପୁଟରେ ମେସିନ ଅଚଳ ହୋଇ ପଡ଼ିଥିବା ବେଳେ ଜୟପୁର ମେସିନ ମଧ୍ୟ ଅଚଳ ହୋଇ ପଡିଥିବା ସହକାରୀ ଯନ୍ତ୍ରୀ ସୁଧୀର ଦାସ ଓ ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ କହିଛନ୍ତି। ସୁନାବେଡ଼ା ପାଇଁ କ୍ରୟ କରାଯାଇଥିବା ମେସିନ ଭଲ ଅବସ୍ଥାରେ ଅଛି ମାତ୍ର ଅଧିକ ବ୍ୟୟବରାଦ ଯୋଗୁ ଏହାକୁ ଚଳାଇବା କଷ୍ଟକର ହୋଇପଡୁଛି ବୋଲି ନିର୍ବାହୀ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ଦନସେନା କହିଛନ୍ତି। କୋଟପାଡ଼ ଏନଏସିରେ ମେସିନ ଅଳ୍ପ ଦିନ ଚାଲିବା ପରେ ଏହାକୁ ରଖାଯାଇଥିବା ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ଖରା କହିଛନ୍ତି। ମେସିନ ମରାମତି କରିବାକୁ କମ୍ପାନୀ ପକ୍ଷରୁ ଇଞ୍ଜିନିୟରମାନେ ଆସିଥିଲେ ମଧ୍ୟ ଏହା ସମ୍ପୂର୍ଣ୍ଣ ସଜଡା ଯାଇପାରିନାହିଁ। ଗତ ବର୍ଷ ଜୁନ ମାସରେ ଏହି ମେସିନ କ୍ରୟ ହୋଇଥିଲା । କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇ ମଧ୍ୟ ଯେଉଁ ଉଦ୍ଦେଶ୍ୟରେ ଏହା କ୍ରୟ ହୋଇଥିଲା ତାହା ସଫଳ ହେଲାନାହିଁ। ଅନ୍ୟପକ୍ଷରେ କୋରାପୁଟ ଭଳି ଛୋଟ ସହର ପାଇଁ ଏତେ ଟଙ୍କା ଖର୍ଚ୍ଚ କରାଯାଇ କଣ ପାଇଁ ଏହି ମେସିନ କିଣାଗଲା ବୋଲି ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଭଳି ଅଯଥା ଖର୍ଚ୍ଚରେ ରୋକେ ଲଗାଇବାକୁ ସାଧାରଣରେ ମତ ପ୍ରକାଶ ପାଉଛି।

# ମାଲକାନଗିରି ଜିଲା ବିଜୁ ମହିଳା ଜନତା ଦଳ କମିଟି ଘୋଷଣା

ମାଲକାନଗିରି,୮।୧୦(ଡି.ଏନ.ଏ.)

ବିଜୁ ଜନତା ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ବିଜୁ ମହିଳା ଜନତା ଦଳର ରାଜ୍ୟ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଏବଂ ଜିଲା ପର୍ଯ୍ୟବେକ୍ଷକ ନିବେଦିତା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଜିଲା ମହିଳା ଜନତା ଦଳ କମିଟି ଘୋଷଣା ହୋଇଛି। ଜିଲା ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକଙ୍କ ସହଯୋଗରେ ମାଲକାନଗିରି ଜିଲା କମିଟି ସହିତ ଜିଲାର ୭ ବ୍ଲକ, ଏନ୍‌ଏସି.ଏବଂ ମ୍ୟୁନିସିପାଲିଟିରେ କମିଟି ଓ ସଭାନେତ୍ରୀଙ୍କ ନାମ ଘୋଷଣା ହୋଇଛି। ମାଲକାନଗିରି ବ୍ଲକ ପାଇଁ ଗୌରୀ ପଡ଼ିଆମୀ, ମାଲକାନଗିରି ମ୍ୟୁନିସିପାଲିଟି ପାଇଁ କବିତା ମାହାନ୍ତ, ବାଲିମେଳା ଏନ୍‌ଏସି ପାଇଁ କୁମାରୀ ସେଠୀ, ଚିତ୍ରକୋଣ୍ଡା ବ୍ଲକ ପାଇଁ ରାଜେଶ୍ୱରୀ ଖିଲ, ଖଇରପୁଟ ବ୍ଲକ ପାଇଁ ସାବିତ୍ରୀ ମୁଦୁଲି, ମାଥିଲି ବ୍ଲକ ପାଇଁ ଟିଙ୍କି ମଲ୍ଲିକ, କାଲିମେଳା ବ୍ଲକ ପାଇଁ ବନାଳି ବରାଳ, ପଡ଼ିଆ ବ୍ଲକ ପାଇଁ ରାଜେଶ୍ୱରୀ କବାସି, କରୁକୋଣ୍ଡା ବ୍ଲକ ପାଇଁ ସୁନ୍ଦର ଆମାଗୋଛାଙ୍କୁ ବ୍ଲକ ସଭାନେତ୍ରୀ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିଭଳି ସୁନିତା ଜେନା, ମମତା ପଡ଼ିଆମୀ, ଦାହନା ତାଙ୍ଗୁଳ, ଗୌତମୀ ସାହୁ, ମୁସ୍କାନ ଦେବନାଥ ଓ ଅନ୍ୟମାନଙ୍କୁ ମଧ୍ୟ ନୂତନ ଦାୟିତ୍ୱ ପ୍ରଦାନ କରାଯାଇଛି। ମାଲକାନଗିରି ଜିଲା ବିଜୁ ମହିଳା ଜନତା ଦଳର ସମସ୍ତ ନେତୃମଣ୍ଡଳୀଙ୍କୁ ଜିଲା ସଭାପତିଙ୍କ ସମେତ ଅନ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି। ଆଗାମୀ ଦିନରେ ଜିଲା ସ୍ତରରେ ତୃଣମୂଳ ସଙ୍ଗଠନ ସୁଦୃଢ ହେବ ବୋଲି ବିଜୁ ମହିଳା ଜନତା ଦଳ ଆଶା ପ୍ରକାଶ କରିଛି।

## ସ୍ତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ମାମଲା
# ସ୍ୱାମୀ ଗଲେ ଜେଲ

ଦିଗପହଣ୍ଡି,୮।୧୦(ଡି.ଏନ.ଏ.)

ଦିଗପହଣ୍ଡି ପୋଲିସ ଶନିବାର ପୁରୁଷୋତ୍ତମପୁର ଥାନା ଗଙ୍ଗାଦହଣି ଗ୍ରାମର ତୋଫାନ ଭୂୟାଁଙ୍କୁ କୋର୍ଟ ଚାଲାଣ କରିଛି। ଥାନା ମାମଲା ନଂ.୨୫୮/୨୨ ଅନୁଯାୟୀ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍ ଜେଲକୁ ପଠାଯାଇଛି। ଦିଗପହଣ୍ଡି ଥାନା ମଳାଭଞ୍ଜା ଗ୍ରାମର ସ୍ୱର୍ଗତ କୈଳାସ ସାହୁଙ୍କ କନ୍ୟା ମମତା ସାହୁ ତୋଫାନଙ୍କୁ ୨୦୧୭ରେ ବିବାହ କରିଥିଲେ। ବିବାହ ସମୟରେ ସ୍ୱାମୀ ଓ ଶ୍ୱଶୁର ଘର ଲୋକଙ୍କ ଦାବି ପ୍ରକାରେ ଯୌତୁକ ଦିଆଯାଇଥିଲା। ବିବାହ ପରଠାରୁ ଅଧିକା ଯୌତୁକ ନିମନ୍ତେ ମମତାଙ୍କୁ ସ୍ୱାମୀ ଓ ଶ୍ୱଶୁର ଘର ଲୋକେ ଉଭୟ ଶାରିରୀକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ପରେ ସ୍ୱାମୀ ମମତାଙ୍କୁ କୌଶଳକ୍ରମେ ମୁମ୍ବାଇ ନେଇ ଚାଲିଯାଇଥିଲେ। ୨୦୨୨ ଜୁଲାଇ ୧୭ରେ ତୋଫାନ ତାଙ୍କ ଶାଶୁଙ୍କୁ ଫୋନ କରି ମମତା ଆତ୍ମହତ୍ୟା କରିଥିବା କହିଥିଲେ। ଏଥିରେ ସେ ସନ୍ଦେହ କରି ମୁମ୍ବାଇରେ ରହୁଥିବା ମମତାଙ୍କ ସମ୍ପର୍କୀୟମାନଙ୍କୁ ପଚରାଉଚରା କରିବାରୁ ତୋଫାନ ମମତାଙ୍କୁ ହତ୍ୟା କରିଥିବା ସୂଚନା ମିଳିଥିଲା। ମମତାଙ୍କ ମା'ଶୋଭାଙ୍କ ଏତଲାକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଥିଲା। ମୁମ୍ବାଇ ପୋଲିସ ମୃତଦେହ ଜବତ କରି ଅପମୃତ୍ୟୁ ମାମଲା ନଂ.୪୫/୨୨ ଅନୁଯାୟୀ ମକଦ୍ଦମା ରୁଜୁ କରିଥିଲା। ଦିଗପହଣ୍ଡି ପୋଲିସ ମମତା ଏବଂ ତୋଫାନଙ୍କ ବିବାହ ସମୟର ଫଟୋ ଏବଂ ଯୌତୁକ ସାମଗ୍ରୀର ତାଲିକା ଜବତ କରିଛି। ଶୀଘ୍ର ଦିଗପହଣ୍ଡି ପୋଲିସର ଏକ ଟିମ୍ ମୁମ୍ବାଇ ଯାଇ ସେଠାକାର ଅପମୃତ୍ୟୁ ମାମଲାର କାଗଜପତ୍ର ଏବଂ ମମତାଙ୍କ ବ୍ୟବଚ୍ଛେଦ ରିପୋର୍ଟ ସଂଗ୍ରହ କରିବ ବୋଲି ଆଇଆଇସି ଦୀପ୍ତି ରଞ୍ଜନ ବେହେରା କହିଛନ୍ତି।

# ବିଶାଖାପାଟଣା ଟ୍ରେନ୍ ପୁରୀ ସମ୍ପ୍ରସାରଣ ନେଇ ଦାବିପତ୍ର

ଜୟପୁର,୮।୧୦(ନି.ପ୍ର.)

ବିଶାଖାପାଟଣା ଟ୍ରେନ୍ ପୁରୀ ସମ୍ପ୍ରସାରଣ ନେଇ ଶନିବାର ଜନକଲ୍ୟାଣ ମଞ୍ଚ ପକ୍ଷରୁ ବିଶାଖାପାଟଣା ଡିଆର୍‌ଏମ୍‌ଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଏଥିରେ ପ୍ରଥମେ ହୀରାଖଣ୍ଡ ଟ୍ରେନ ଜୟପୁରରେ ପହଞ୍ଚିବା ସମୟ ୧ ଘଣ୍ଟା କମାଯାଇଥିବାରୁ ବିଭାଗକୁ ଧନ୍ୟବାଦ ଜ୍ଞାପନ କରାଯାଇଛି। କୋରାପୁଟ ଜିଲାବାସୀଙ୍କ ସୁବିଧା ପାଇଁ ବ୍ରହ୍ମପୁର-ବିଶାଖାପାଟଣା (୫୮୫୨୫)କୁ ଭାୟା ଆରାକୁ ଦେଇ କୋରାପୁଟ ଯାଏ ସମ୍ପ୍ରସାରଣ, କିରାଣ୍ଡୁଲ-ବିଶାଖାପାଟଣା ଏକ୍ସପ୍ରେସ୍ (୧୮୫୧୩)କୁ ପୁରୀ ଯାଏ ସମ୍ପ୍ରସାରଣ, ଜୟପୁର ରେଳ ଷ୍ଟେଶନରେ ଯାତ୍ରୀବାହୀ ଟ୍ରେନ ରହଣି କେବଳ ୧ନଂ. ପ୍ଲାଟ୍‌ଫର୍ମରେ କରିବାକୁ ଦାବି କରାଯାଇଛି। ଏହାର ଏକକିତା ନକଲ ବ୍ରହ୍ମପୁର, ନବରଙ୍ଗପୁର ଏବଂ କୋରାପୁଟ ଏମ୍‌ପିଙ୍କୁ ପ୍ରଦାନ କରାଯାଇଛି । ମଞ୍ଚ ପକ୍ଷରୁ ଦାବିପତ୍ର ପ୍ରଦାନ ବେଳେ ରାଜେନ୍ଦ୍ର ଗୌଡ଼, ବାଲା ରାୟ, ଦୁର୍ଗାପ୍ରସାଦ ମିଶ୍ର, ଚନ୍ଦ୍ରକାନ୍ତ ସୂତାର, ଗୋପାଳକୃଷ୍ଣ ପାତ୍ର, ଦିଲୀପ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ଜଙ୍ଗଲ ସହ ଜଳ ସୁରକ୍ଷା ନେଇ ସଚେତନତାର ବାର୍ତ୍ତା ପ୍ରଚାର କରୁଛନ୍ତି ରାମୁ




ସଚେତନତା ବାର୍ତ୍ତା ପ୍ରଚାରପାଇଁ ଜୟପୁର ସହରରେ ରାମୁ ।

ଜୟପୁର,୮।୧୦ (ନି.ପ୍ର.)

ବୟସ ୧୭ ବର୍ଷ। ମାତ୍ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ମହାନ୍। ଏ ବୟସରେ ସେ ଦେଶର ୨୯ ରାଜ୍ୟକୁ ସାଇକେଲରେ ଯାତ୍ରାକରି ଦେଶଭକ୍ତି, ଜଙ୍ଗଲ ଓ ଜଳ ସୁରକ୍ଷା ନେଇ କରୁଛନ୍ତି ସଚେତନତାର ବାର୍ତ୍ତା ପ୍ରଚାର। ସେ ହେଉଛନ୍ତି ଆନ୍ଧ୍ର ପ୍ରଦେଶ ବିଶାଖାପାଟଣାର କେ. ରାମୁ । ସାଇକେଲରେ ଭାରତ ଯାତ୍ରା କରିବାର ସଂକଳ୍ପ ସମ୍ପର୍କରେ ବାପାମାଆଙ୍କୁ କହି ସେ ଗୁରୁବାରଠାରୁ ବିଶାଖାପାଟଣାସ୍ଥିତ ପୂର୍ଣ୍ଣ ମାର୍କେଟରୁ ନିଜ ଯାତ୍ରା ଆରମ୍ଭ କରିଥିଲେ। ପ୍ରବଳ ବର୍ଷା ସତ୍ତ୍ୱେ ଅଟକି ନ ଯାଇ ସେ ବିଜୟନଗରମ ଦେଇ ସାଲୁରରେ ପହଞ୍ଚିଥିଲେ। ଶନିବାର ଜୟପୁରରେ ପହଞ୍ଚି ଦେଶର ୨୯ ରାଜ୍ୟ ଯାତ୍ରା କରି ଦେଶଭକ୍ତି, ଜଙ୍ଗଲ ଓ ଜଳ ସୁରକ୍ଷା ନେଇ ଲୋକଙ୍କୁ ସଚେତନ କରିବା ତାଙ୍କ ଉଦ୍ଦେଶ୍ୟ ବୋଲି କହିଛନ୍ତି ରାମୁ। ୪ ମାସ ମଧ୍ୟରେ ଯାତ୍ରା ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖିଥିବା ରାମୁ ଶୀତ ବର୍ଷାରୁ ରକ୍ଷା ପାଇଁ ନିଜ ସାଙ୍ଗରେ ନେଇଛନ୍ତି ସମସ୍ତ ସାମଗ୍ରୀ। ଏକ ଆଧୁନିକ କ୍ୟାମେରା, ହେଲ୍‌ମେଟ, ଗ୍ଲୋବ୍ସ , ରେନି କୋଟ୍, ଚଷମା, ଟି-ଶର୍ଟ ନିଜ ପାଖରେ ରଖିଛନ୍ତି ଟ୍ରାକ୍ ସୁଟ ସହ ଅନ୍ୟ ଜରୁରୀ ସାମଗ୍ରୀ। ତାଙ୍କୁ ଯାତ୍ରା ସମୟରେ ବିଭିନ୍ନ ଅଞ୍ଚଳରୁ ଲୋକଙ୍କ ଉତ୍ସାହ ଓ ସମର୍ଥନ ମିଳୁଛି। ଏହା ତାଙ୍କୁ ଆଗକୁ ବଢ଼ିବାରେ ପ୍ରେରଣା ଦେଉଛି ବୋଲି କହିଛନ୍ତି ସେ।

# ରୋଗୀଙ୍କ ସମ୍ପର୍କୀୟଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ମାଲକାନଗିରି,୮।୧୦(ଡି.ଏନ.ଏ.)

ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀ ରୋଗୀଙ୍କ ସମ୍ପର୍କୀୟ ବାଲାରାଜୁଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଛି। ଏନେଇ ଭିଡ଼ିଓ ଭାଇରାଲ ହେବା ପରେ ଶନିବାର ଏକ ବୈଠକ ବସିଥିଲା। ଏଥିରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଫୁଲ ନନ୍ଦଙ୍କ ସହ ଚିକିତ୍ସାଳୟର ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀମାନେ ଉପସ୍ଥିତ ଥିଲେ। ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ଆଦିବାସୀ ବିକାଶ ପରିଷଦ ଅଧ୍ୟକ୍ଷ ଆଡମା ରାବା, ପୌରାଧ୍ୟକ୍ଷ ମନୋଜ ବାରିକ ଏବଂ ବିଜୁ ଜନତା ଦଳର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ଗତ ୫ ତାରିଖରେ ମାଲକାନଗିରିର ପୂର୍ବତନ କଉନସିଳର ତାଙ୍କର ଜଣେ ସମ୍ପର୍କୀୟ ରୋଗୀଙ୍କୁ ତୁରନ୍ତ ଔଷଧ ଦେବାକୁ ସେବିକାଙ୍କୁ ଅନୁରୋଧ କରିଥିଲେ । ମାତ୍ର ସମ୍ପୃକ୍ତା ସେବିକା ଜଣକ ଏହାକୁ ବେଖାତିର କରି ବାଲାରାଜୁଙ୍କ ସହ ଯୁକ୍ତି କରି ତାଙ୍କୁ ଅସମ୍ମାନ କରିଥିଲେ । ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଲା ପରେ ଏହାକୁ ନେଇ ଏକ ବୈଠକ ବସି ଆଲୋଚନା ହୋଇଥିଲା। ଏହା ଉପରେ ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ କହିଛନ୍ତି। ଏ ସମ୍ପର୍କରେ ସମ୍ପୃକ୍ତା ସେବିକାଙ୍କୁ ପଚାରିବାରୁ ସେ କହିଲେ, ମୁଁ ଗୁରୁତର ରୋଗୀମାନଙ୍କୁ ୱାର୍ଡରେ ଯାଞ୍ଚ କରୁଥିବା ବେଳେ ବାଲା ରାଜୁ ତାଙ୍କ ରୋଗୀଙ୍କୁ ତୁରନ୍ତ ଔଷଧ ଦେବାକୁ କହିଥିଲେ। ଏହାକୁ ନେଇ ଯୁକ୍ତିତର୍କ ହୋଇଥିଲା। ସେଥିପାଇଁ ମୁଁ ଦୁଃଖିତ ବୋଲି ସେ କହିଥିଲେ।

# ନିମ୍ନମାନର କାମରୁ ବର୍ଷକରେ ସୋଲାର ଟାଙ୍କି ଅଚଳ

ଦଶମନ୍ତପୁର,୮।୧୦(ଡି.ଏନ.ଏ.)

**ଭିତରବାଗ୍ରୀରେ ସୁଧୁରୁନି ପାନୀୟ ଜଳ ସମସ୍ୟା**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଡୁମୱାଗୁଡ଼ା ପଞ୍ଚାୟତର ଭିତରବାଗ୍ରୀ ଗ୍ରାମରେ ଦେଖାଦେଇଛି ପାନୀୟ ଜଳ ସମସ୍ୟା। ଗ୍ରାମରେ ୧୭୦ ଘର ଆଦିବାସୀ ସମ୍ପ୍ରଦାୟର ଲୋକ ବସବାସ କରୁଥିବା ବେଳେ ଜନସଂଖ୍ୟା ରହିଛି ୭ଶହ। ପାନୀୟ ଜଳ ଏବେ ଗ୍ରାମବାସୀଙ୍କ ମୁଖ୍ୟ ସମସ୍ୟା ପାଲଟିଛି। ସୋଲାର ପାନୀୟ ଜଳ ବ୍ୟବସ୍ଥାଠାରୁ ଆରମ୍ଭକରି ୨ଟି ନଳକୂପ ଗ୍ରାମରେ ରହିଛି। ମାତ୍ର ଜଳସଙ୍କଟ ଦୂର ହୋଇପାରିନାହିଁ। ସୋଲାର ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ନିର୍ମାଣର ଏକ ବର୍ଷ ମଧ୍ୟରେ ଅଚଳ ହୋଇପଡ଼ିଥିବା ଗ୍ରାମବାସୀ ଏବଂ ସରପଞ୍ଚ ପ୍ରକାଶ କରିଛନ୍ତି। ଗୋଟିଏ ନଳକୂପ ଠିକ୍ ଥିବା ବେଳେ ମୁଣ୍ଡାସାହିର ନଳକୂପଟି ଅଚଳ ହୋଇପଡ଼ିଛି। ଗୋଟିଏ ନଳକୂପର ପାଣି ଗ୍ରାମବାସୀଙ୍କ ପାଇଁ ଯଥେଷ୍ଟ ହେଉନାହିଁ। ଲୋକେ ବାଧହୋଇ ସାହିତଳ ନଦୀ ପାରହୋଇ ଜେନାଗୁଡ଼ି ନାଳରୁ ଜଳ ସଂଗ୍ରହ କରି ଚଳୁଥିବା ଦେଖିବାକୁ ମିଳୁଛି। ନିମ୍ନମାନର ସୋଲାର ଟାଙ୍କି ନିର୍ମାଣ ଯୋଗୁ ୧ବର୍ଷ ମଧ୍ୟରେ ଅଚଳ ହୋଇପଡ଼ିଲା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅଚଳ ସୋଲାର ଟାଙ୍କି ନ ସଜଡ଼ାଗଲେ ଜିଲା ପ୍ରଶାସନର ଦ୍ୱାରସ୍ଥ ହେବେ ବୋଲି ସରପଞ୍ଚ କୁନି ମୁଦୁଲିଙ୍କ ସହ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

Ref: No.: SO/II/2022-23/79/456 Date: 07.10.2022

Startup Odisha

[2nd Floor, Tower-A, Odisha Startup Incubation Centre (O-Hub), Special Economic Zone, Infocity, Patia, Bhubaneswar- 751024]

**Invitation of application for the Internship Programme of Startup Odisha (2022-23)**

No.h-13:- Startup Odisha invites applications from students/ scholars those who are pursuing or have completed their Graduation / Post Graduation for the "Internship Programme of Startup Odisha (2022-2023)" for a period of 6 months to 1 year at Startup Odisha, Bhubaneswar. Interested candidates may download details of advertisement and apply / register for the internship programme by visiting the official website of Startup Odisha- www.startupodisha.gov.in (career menu) from 09.10.2022. The last date to register / apply for the internship programme is 28.10.2022 by 11:59 P.M. The selection of the interns will be made on merit of academic performance, extra-curricular achievement, the presentation submitted in the application form and personal interview. The applicants are further advised to keep referring Startup Odisha website (www.startupodisha.gov.in) for any updates in reference to this advertisement.

Sd./- (Evangelist, STARTUP ODISHA)

OIPR-43007/11/0014/2223

**Government of Odisha**
**Higher Education Department**

**Timeline for Phase-II Admission into U.G. Courses under SAMS in the Higher Education Institutions for the Academic Year 2022-23**

No.N-47:- Timeline for e-Admission in all (+3) Degree Colleges including Self Financing (Degree) / Sanskrit (Shastri) Colleges of the State under Student Academic Management System (SAMS) is given below. Any changes in the timelines will be published in the newspapers as well as in the website www.samsodisha.gov.in. Kindly refer the Common Prospectus (CP) before filling up the CAF.

| Sl# | Activities | Timeline |
|---|---|---|
| 1 | Availability of online Common Application Form (CAF) in the website www.samsodisha.gov.in | 13th Oct. 2022 (11:00 A.M.) |
| 2 | Last date of applying online CAF through www.samsodisha.gov.in | 19th Oct. 2022 (11:45 P.M.) |
| 3 | Publication of First Merit List in SAMS Portal | 27th Oct. 2022 (02:00 P.M.) |
| 4 | Reporting of Applicants at allotted institutions for taking admission | 28th Oct. 2022, 29th Oct. 2022 & 31st Oct. 2022 (5:00 P.M.) |
| 5 | Error Correction and Data updation of applicants selected in Phase-II Selection | 28th Oct. 2022, 29th Oct. 2022 & 31st Oct 2022 (7.00 P.M.) |
| 6 | Filling up of Slide-up Option Form online by admitted students | 28th Oct. 2022 to 1st Nov. 2022 (11:45 P.M.) |
| 7 | Publication of Second Merit List in SAMS Portal | 7th Nov. 2022 (02:00 P.M.) |
| 8 | Reporting of Applicants at allotted institutions for taking admission | 9th Nov.-2022 to 11th No. 2022 (5:00 P.M.) |
| 9 | Data updation of applicants selected in Phase-II Selection | 9th Nov. 2022 to 12th Nov. 2022 (5:00 P.M.) |
| 10 | Collection of Admission Fees at the respective HEIs (After completion of all phases of e-Admission Process for the session 2022-23) | Dates will be notified by the Higher Education Department later |

**For more details please contact: e-Admission Helpline (Toll Free) Number 155335 / 1800-345-6770**

N.B.: Please go through the detailed U.G. Phase-II Guidelines available in U.G. SAMS website (https://samsodisha.gov.in/ DegreeNew/index.aspx)

Sd./- Deputy Director
PTC Section

OIPR-11001/11/0035/2223

## ସଂକ୍ଷେପରେ

### ମିଳିଲାନି ଆମ୍ବୁଲାନ୍ସ, ସାପକାମୁଡ଼ାରେ ଯୁବକଙ୍କ ମୃତ୍ୟୁ

ପାପଡ଼ାହାଣ୍ଡି,୮।୧୦(ଡି.ଏନ୍.ଏ.)-ଆକ୍ରାନ୍ତଙ୍କୁ ଡାକ୍ତରଖାନା ନେବା ପାଇଁ ଉପଲବ୍ଧ ନ ଥିଲା ଆମ୍ବୁଲାନ୍ସ। ଫଳରେ ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଶିରିଶି ପଞ୍ଚାୟତ ଚୁଇଁମାଟିଗୁଡ଼ା ଗ୍ରାମର ଲଛମନ ଗୌଡ଼ଙ୍କ ପୁଅ ଜଗଦାନ ଗୌଡ଼ (୨୨)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ ଜଗଦାନ ପୂର୍ବାହ୍ନ ୧୧ଟାରେ ନିଜ ଚାଷଜମିରେ କାମ କରିବାକୁ ଯାଇଥିଲେ। ସେଠାରେ କାମ କରୁଥିବାବେଳେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ଜଗଦାନ ଏହା ଜାଣିବା ପରେ ଘରକୁ ଫେରି ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ତୁରନ୍ତ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। କିନ୍ତୁ ସେହି ସମୟରେ ଆମ୍ବୁଲାନ୍ସ ଉପଲବ୍ଧ ନ ଥିଲା। ପରିବାର ଲୋକେ ଜଗଦାନଙ୍କୁ ଡାକ୍ତରଖାନା ନେବାକୁ ଅନ୍ୟ କୌଣସି ବ୍ୟବସ୍ଥା କରିବା ପୂର୍ବରୁ ହିଁ ଘରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପରିବାର ଲୋକେ ପାପଡ଼ାହାଣ୍ଡି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି। ଏ ନେଇ ପୋଲିସ କେସ୍ ନଂ. ୧୪/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ଜଗନ୍ନାଥ ମନ୍ଦିରରେ ହବିଷିଆଳିଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

କୋରାପୁଟ,୮।୧୦(ସ୍ୱ.ପ୍ର.)- କୋରାପୁଟ ଜଗନ୍ନାଥ ମନ୍ଦିରରେ ହବିଷ୍ୟାଳୀମାନଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ପରିଚାଳନା କମିଟି ସମ୍ପାଦକ ଜଗବନ୍ଧୁ ସାମଲ ପ୍ରକାଶ କରିଛନ୍ତି। ମନ୍ଦିର ପରିସରରେ ରହିଥିବା ଯାତ୍ରୀ କୁଟୀରରେ ବ୍ୟବସ୍ଥା କରାଯାଇଛି। ରହିବା ଓ ପ୍ରସାଦ ସେବନ ସମ୍ପୂର୍ଣ୍ଣ ମାଗଣା ରହିଥିବା ସେ ସୂଚନା ଦେଇଛନ୍ତି। ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଏହା ପ୍ରଥମ ଥର ପାଇଁ କରାଯାଉଛି। ଇଚ୍ଛୁକ ହବିଷ୍ୟାଳୀମାନେ ହବିଷ ପାଳନ କରିବା ନିମନ୍ତେ ଆବେଦନ କରିବାକୁ ପଡ଼ିବ ବୋଲି ଶାବର ଶ୍ରୀକ୍ଷେତ୍ର ମନ୍ଦିର ପରିଚାଳନା କମିଟି ପକ୍ଷରୁ କୁହାଯାଇଛି।

### ଛେଳି ଚୋରି ଅଭିଯୋଗରେ ୩ ଗିରଫ, ଦେଶୀ ବନ୍ଧୁକ ଜବତ

ବୁଗୁଡ଼ା,୮।୧୦(ଡି.ଏନ୍.ଏ.)-ବୁଗୁଡ଼ା ଥାନା ଅନ୍ତର୍ଗତ ଘୋଳପୁର ଗାଁରେ ଦୀର୍ଘଦିନ ଧରି ଚାଲିଥିବା ଛେଳି ଚୋରି ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ତାରସିଂ ଥାନା ଅନ୍ତର୍ଗତ କେପିଟି ଗ୍ରାମର ଟୁନା ନାୟକ, ଘୋଳପୁର ଗାଁର ବିକ୍ରମ ପରିଡା ଓ ଟୁନା ନାଇକ। ଏହି ୩ ଜଣ ଦେଶୀ ବନ୍ଧୁକ ଏବଂ କିଛି ବୋମା ଧରି ବୁଗୁଡ଼ା ବନାଞ୍ଚଳରେ ବାର୍‌ହା ଶିକାର କରିବା ସହ ଚାଷୀଙ୍କ କୁହାଁରରୁ ଛେଳି ଚୋରି କରି ବାହାର ଅଞ୍ଚଳକୁ ନେଇ ବିକ୍ରୟ କରୁଥିଲେ। ଛେଳି ଚୋରି ନେଇ ଘୋଳପୁର ଗାଁର ଛେଳି ପାଳକ ଯୋଗେନ୍ଦ୍ର ଗୌଡ଼ ବୁଗୁଡା ଥାନାରେ ଅଭିଯୋଗ କରିଛନ୍ତି। ଏତଲାକୁ ଭିତ୍ତିକରି ଏସ୍ଆଇ ଚିତରଞ୍ଜନ ବେହେରାଙ୍କ ନିର୍ଦ୍ଦେଶକ୍ରମେ ଏସ୍ଆଇ ସ୍ନେହା ମଞ୍ଜରୀ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଚୋରି ଘଟଣାର ଅନୁସନ୍ଧାନ କରି ଏହି ତିନିଜଣଙ୍କୁ ଗିରଫ କରିବା ସହ ବିକ୍ରମଙ୍କ ବାରିପଟ ଏକ ବାଉଁଶବୁଦାରୁ ଦେଶୀ ବନ୍ଧୁକକୁ ଜବତ କରିଥିଲା। ଏ ନେଇ ବୁଗୁଡ଼ା ଥାନାରେ ନଂ.୫୮୧/୨୨ରେ ଏକ ମାମଲା ରୁଜୁ କରାଯାଇଛି।

# ସ୍ଥାଣୁ ପାଲଟିଛି ପୌରପାଳିକା, ଜମିରହିଛି କୁଢ଼କୁଢ଼ ଅଳିଆ

- ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଳିଆଗଦା
- ଗୁହାରି ସତ୍ତ୍ୱେ ପୌର ପ୍ରଶାସନ ନୀରବ

ନବରଙ୍ଗପୁର,୮।୧୦ (ବି.ପ୍ର.)

ନବରଙ୍ଗପୁର ସହରର ମୁଖ୍ୟ ସ୍ଥଳ କୁହାଯାଉଥିବା ତଥା ଉପଜିଲାପାଳ ଏବଂ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ କାର୍ଯ୍ୟାଳୟ ପାର୍ଶ୍ୱରେ ଦୀର୍ଘଦିନ ହେବ ଜମିରହିଛି କୁଢ଼ କୁଢ଼ ଆବର୍ଜନା। ଏଥିସହ ଗଦେଇହୋଇ ରହିଛି ମାଟି। ପ୍ରତିଦିନ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ବହୁ ସଂଖ୍ୟାରେ ସାଧାରଣ ଲୋକଙ୍କ ଯିବା ଆସିବା ଲାଗିରହିଥାଏ। ଉକ୍ତ ଅଫିସ ନିକଟରେ ଜିଲା ସଂସ୍କୃତି ଭବନ, ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ କାର୍ଯ୍ୟାଳୟ, ନୋଟେରି ପବ୍ଲିକ, ଭୂ- ନିବନ୍ଧକ କାର୍ଯ୍ୟାଳୟ ରହିଛି। ତେଣୁ ପ୍ରତିଦିନ ଶତାଧିକ ଲୋକ କୌଣସି ନା କୌଣସି କାମରେ ଏଠାକୁ ଆସିଥାନ୍ତି। କିନ୍ତୁ ଏଠାରେ ଦୀର୍ଘ ଦିନ ଧରି କୁଢ଼କୁଢ଼ ଆବର୍ଜନା ରହିବା ଯୋଗୁ ଅନାବନା ଗଛ ସବୁ ଉଠିବା ଦ୍ୱାରା ଭିତରେ ମଶାମାଛିଙ୍କ ବଂଶ ବଢୁଛି। ଫଳରେ ଲୋକେ ମ୍ୟାଲେରିଆ ଓ ଡେଙ୍ଗୁ ଭଳି ଜ୍ୱର ସହ ନାନା ପ୍ରକାର ରୋଗରେ ଆକ୍ରାନ୍ତ ହେଉଛନ୍ତି। ଦୀର୍ଘଦିନ ଉପଜିଲାପାଳ ପୌର ନିର୍ବାହୀ ଅଧିକାରୀ ଦାୟିତ୍ୱରେ ରହିବା ସତ୍ତ୍ୱେ ଏହି ଆବର୍ଜନା ସଫା ହୋଇ ନ ଥିଲା। ଏନେଇ ସ୍ଥାନୀୟ ବାସିନ୍ଦା, ବୁଦ୍ଧିଜୀବୀ ଓ ଜନସାଧାରଣ ବାରମ୍ବାର ପୌରପାଳିକା କାର୍ଯ୍ୟାଳୟକୁ ଯାଇ ଗୁହାରି କରିବା ସତ୍ତ୍ୱେ କିଛି ସୁଫଳ ମିଳିନାହିଁ। ପୌରପାଳିକାରୁ ମାତ୍ର ୩ ଶହ ମିଟର ଦୂର ଅର୍ଥାତ୍ ସହରର ମୁଖ୍ୟସ୍ଥଳରେ ଏଭଳି ଅବସ୍ଥା । ଅନ୍ୟ ସ୍ଥାନ କଥା ନ କହିବା ଭଲ ବୋଲି କହି ବୁଦ୍ଧିଜୀବୀମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏନେଇ ସାନିଟେଶନ ଏକ୍ସପୋର୍ଟ ମନୋଜ ଦତ୍ତଙ୍କୁ ୯୪୩୯୫୩୦୮୬୮ରେ ଯୋଗାଯୋଗ କରିବାରୁ କୌଣସି ଉତ୍ତର ମିଳି ନ ଥିଲା। ଜିଲାପାଳ ଏ ଦିଗରେ ଦୃଷ୍ଟିଦେବାକୁ ଲୋକେ ଦାବି କରିଛନ୍ତି।



ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅଳିଆ ଜମି ରହିବା ସହ ଅନାବନା ଗଛ ଉଠିଛି।

# ମହାସଂଘରେ ମିଶିବାକୁ ଆଦିବାସୀ ସଂଘର ସହମତି

**ଓଡ଼ିଶା ଆଦିବାସୀ ମହାସଂଘ ବୈଠକ**

ଡାବୁଗାଁ, ୮।୧୦(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ରେଭିନ୍ୟୁ ନୂଆଗୁଡ଼ାସ୍ଥିତ ପରଜା ବିକାଶ ପରିଷଦ ସଭାଗୃହରେ ଜିଲା ଆଦିବାସୀ ମହାସଂଘର ଏକ ବୈଠକ ମହାସଂଘ ଆବାହକ ରାଜମନ ଭତ୍ରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ପ୍ରତି ଆଦିବାସୀ ସମାଜକୁ ଆଦିବାସୀ ମହାସଂଘରେ ସାମିଲ ପାଇଁ ପ୍ରତ୍ୟେକ ସମାଜର ସଭାପତିଙ୍କ ମତାମତ ନିଆଯାଇଥିଲା। ସମସ୍ତ ସଭାପତି ମହାସଂଘରେ ସାମିଲ ହେବା ପାଇଁ ନିଜ ନିଜର ସମ୍ମତି ଜଣାଇଥିଲେ। ଶୀଘ୍ର ସବୁ ସମାଜ ମହାସଂଘରେ ସାମିଲ ହେବେ। ଜାତିଗତ ପ୍ରମାଣପତ୍ର ଓ ଅଣଆଦିବାସୀମାନେ ଆଦିବାସୀ ନାମରେ ସଂଘ ଗଠନ କରି ବିଭିନ୍ନ କାର୍ଯ୍ୟକ୍ରମ କରୁଛନ୍ତି। ସେଗୁଡିକ କିପରି ବନ୍ଦ କରାଯିବ ସେନେଇ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଭତରା ସମାଜ ସଭାପତି ଅର୍ଜୁନ ଭତ୍ରା ଓ ସମ୍ପାଦକ ଜୟରାମ ଭତ୍ରା, ଅମନାତ୍ୟ ସମାଜ ସଭାପତି ଅର୍ଜୁନ ଅମନାତ୍ୟ ଓ ନିରଞ୍ଜନ ପୂଜାରୀ, ଭଞ୍ଜରା ସମାଜ ସଭାପତି ମିଟୁ ଭଞ୍ଜରା ଓ ସମ୍ପାଦକ ନାରାୟଣ ଭଞ୍ଜରା, ଭୁଞ୍ଜିଆ ସମାଜ ସଭାପତି ହରଲାଲ ଝାଙ୍କର ଓ ସମ୍ପାଦକ ସଞ୍ଜୟ ମାଝି, ଗଣ୍ଡ ସମାଜ ସଭାପତି ପୁନିତ୍‌ରାମ ଗଣ୍ଡ ଓ ସମ୍ପାଦକ ଦଶରଥ ଗଣ୍ଡ, କୁଇ ବା କନ୍ଧ ସମାଜ ସଭାପତି ରବି ଜାନି, ପରଜା ସମାଜ ସଭାପତି ମଙ୍ଗଳାଦେଇ ଜାନି ଓ ସମ୍ପାଦକ ଭଗବାନ ଜାନି ଉପସ୍ଥିତ ଥିଲେ। ରାଜଗଣ୍ଡ ସମାଜ ରାଜ୍ୟ ସଭାପତି ଲଛମନ ମାଝି ଓ ଜିଲା ସଭାପତି ଭଦ୍ରୁ ମାଝି, ସୌରା ସମାଜ ସଭାପତି ଜଗଜ୍ଜୀବନ ନାୟକ ଓ ସମ୍ପାଦକ ବଳରାମ ନାୟକ, ହଲବା ସମାଜ ସଭାପତି ଚନ୍ଦ୍ର ମହଲ ହଲବା ଓ ସମ୍ପାଦକ ଦେଓ କୁମାର ସମରଥ, ହଟିଆ ଗଣ୍ଡ ସମାଜ ସଭାପତି କାମେଶ୍ୱର ମାଝି, ଗାଦବା ସମାଜ ସଭାପତି ମଧୁ ଗାଦବା ଓ ଜିଲାରେ ବସବାସ କରୁଥିବା ପ୍ରାୟ ୧୩ ପ୍ରକାର ଜନଜାତି ସମାଜ ସଭାପତି ଓ ସମ୍ପାଦକମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଡାବୁଗାଁ ଭତରା ବିକାଶ ପରିଷଦ ସଭାପତି ମୋହନ ନାୟକ ପରିଚାଳନା କରିଥିଲେ।



ବୈଠକରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

ପାରଳାଖେମୁଣ୍ଡି,୮।୧୦(ଡି.ଏନ୍.ଏ.)

କାଶୀନଗର ସହରର ୭ନଂ. ୱାର୍ଡ ଅନ୍ତର୍ଗତ ଡେରାସାହିର ଜଣେ ଯୁବକ ଶନିବାର ବଂଶଧାରା ନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେ ହେଲେ ପି.ଉମାଶଙ୍କର (୩୨)। ଯୁବକ ଜଣକ ନଦୀକୁ ଡେଇଁ ପଡ଼ିଥିବାର ଖବର ପାଇ ସ୍ଥାନୀୟ ଅଗ୍ନିଶମ ବିଭାଗ ପହଞ୍ଚି ତାଙ୍କୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସୁସ୍ଥ ରହିଥିବା ବେଳେ ସେ କ'ଣ ପାଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ କାରଣ ଅସ୍ପଷ୍ଟ ରହିଛି।

## ଲଘୁଚାପ ବର୍ଷା, ଫୁଲୁଛି ବଂଶଧାରା

ପାରଳାଖେମୁଣ୍ଡି, ୮।୧୦(ଡି.ଏନ୍.ଏ.)

ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଫଳରେ ଗଜପତି ଜିଲାରେ ଗତ କିଛିଦିନ ହେଲା ବର୍ଷା ଜାରି ରହିଛି। ଫଳରେ କାଶୀନଗର ଠାରେ ପ୍ରବାହିତ ବଂଶଧାରା ନଦୀର ଜଳସ୍ତର ଫୁଲିବାରେ ଲାଗିଛି। ନଦୀର ଉପର ମୁଣ୍ଡରେ ଲଗାଣ ବର୍ଷା ଯୋଗୁ କାଶୀନଗରଠାରେ ନଦୀଜଳ ବିପଦସଙ୍କେତ ପାଖାପାଖି ରହିଛି। ଏଠାରେ ଶନିବାର ୫୩.୪୧ ମିମି ଉଚ୍ଚରେ ନଦୀଜଳ ପ୍ରବାହିତ ହେଉଥିବା ବେଳେ ବିପଦ ସଙ୍କେତ ୫୪.୬୨ ମିମି ରହିଛି। ବିପଦସଙ୍କେତ ନିମ୍ନରେ ଜଳ ପ୍ରବାହିତ ହେଉଥିଲେ ମଧ୍ୟ ଆଗାମୀ ୨୪ ଘଣ୍ଟାରେ ଯଦିଓ ଉପର ମୁଣ୍ଡରେ ବର୍ଷା ଜାରି ରହେ ତେବେ ବନ୍ୟା ପରିସ୍ଥିତି ଉପୁଜିପାରେ ବୋଲି ଆଶଙ୍କା ରହିଛି।

## ମୟୂର ଛୁଆ ଉଦ୍ଧାର

ଦିଗପହଣ୍ଡି,୮।୧୦(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ଗଡ଼ଗୋବିନ୍ଦପୁର ଗ୍ରାମରୁ ଶନିବାର ୨ଟି ମୟୂର ଛୁଆଙ୍କୁ ଗ୍ରାମବାସୀ ଉଦ୍ଧାର କରିଛନ୍ତି। ଗ୍ରାମ ନିକଟସ୍ଥ ହୁବୁକେଇ ପାହାଡ଼ରେ ପ୍ରଚୁର ପରିମାଣର ମୟୂର ଦେଖାଯାଇଥାନ୍ତି। ଲଗାଣ ବର୍ଷାରେ ମୟୂର ଛୁଆ ୨ଟି ଗ୍ରାମକୁ ପଶି ଆସି ଏଣେତେଣେ ବୁଲିବାରେ ଲାଗିଲେ। ଏହା ଦେଖି ଗ୍ରାମର ଯୁବକ ସନ୍ତୋଷ ପ୍ରଧାନ, ପ୍ରଶାନ୍ତ ସାହୁ,ନାଗେଶ୍ୱର ପ୍ରଧାନ, ଅଞ୍ଚଳ ସେଠୀ, ଏବଂ ଲୋକନାଥ ରେଡ୍ଡୀ ସେହି ମୟୂର ଛୁଆମାନଙ୍କୁ ଉଦ୍ଧାର କରିଥିଲେ। ପରେ ମୟୂରକୁ ଯତ୍ନର ସହ ସେମାନଙ୍କ ବସା ଗୁଡ଼ିକରେ ଛାଡ଼ି ଆସିଥିବା ଜଣାପଡ଼ିଛି। ଯୁବକ ମାନଙ୍କ ଏପରି ପ୍ରୟାସକୁ ସାଧାରଣରେ ଖୁବ ପ୍ରଶଂସା କରାଯାଇଛି।

# ଲେଉଟିଲା ଝାଡ଼ାବାନ୍ତି, ନନ୍ଦାହାଣ୍ଡିରେ ୮ ଆକ୍ରାନ୍ତ

ନନ୍ଦାହାଣ୍ଡି,୮।୧୦,(ଡି.ଏନ.ଏ.)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକକୁ ପୁଣି ଫେରିଲା ଝାଡ଼ାବାନ୍ତି। ବି.ମାଳିଗୁଡ଼ା ଗ୍ରାମର ୮ଜଣ ଆକ୍ରାନ୍ତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଶୁକ୍ରବାର ଗାଁର ୬ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ପରେ ପରେ ଆଉ ୨ ଜଣ ମଧ୍ୟ ଆକ୍ରାନ୍ତ ହୋଇ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ସମସ୍ତ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି। ଗାଁରେ ଏବେ ନନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୨ଜଣ କର୍ମଚାରୀ ଅଛନ୍ତି। ଆଉ କେହି ଆକ୍ରାନ୍ତ ସେମାନଙ୍କ ନଜରକୁ ଆସିଲେ ତୁରନ୍ତ ଚିକିତ୍ସା କରାଇବା ଦିଗରେ ପଦକ୍ଷେପ ନିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ନନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ସତର୍କ ଏବଂ ପ୍ରସ୍ତୁତ ଅଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସମସ୍ତ ବନ୍ଦୋବସ୍ତ କରାଯାଇଛି ବୋଲି ଡାକ୍ତର ବିକାଶ ବାରିକ କହିଛନ୍ତି। ସମସ୍ତଙ୍କ ରେକ୍‌ଟଲ ସ୍ୱାବ୍ ସଂଗ୍ରହ କରାଯାଇଛି। ତାହାର ରିପୋର୍ଟ ଆସିବା ପରେ ଏହା ହଇଜା ନା ଫୁଡ୍ ପଏଜନିଂ ତାହା ଜଣା ପଡ଼ିବ ବୋଲି ସିଡିଏମ୍ଓ କାଳୀପ୍ରସାଦ ବେହେରା ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗତ ଜୁଲାଇ ମାସରେ ନନ୍ଦାହାଣ୍ଡି ବ୍ଲକର ଖଡ଼ିଆଗୁଡା ଏବଂ ପିତାକୁମୁଲି ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିଥିଲା। ଡାକ୍ତରୀ ଦଳର ତତ୍ପରତା ଏବଂ ଉତ୍ତମ ଚିକିତ୍ସା ଯୋଗୁ ପରିସ୍ଥିତି ନିୟନ୍ତ୍ରଣ ହୋଇଥିଲା।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

rgdselfie@gmail.com



@ ଅଜୟ



@ ବାବୁଲା



@ ଶିବା



@ ମନୋରଞ୍ଜନ



@ ଶିବ ନାରାୟଣ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଓସିଏସ୍‌ରେ ଉତ୍ତୀର୍ଣ୍ଣ ହେଲେ ରାଇଘରରୁ ୩

ରାଇଘର, ୮।୧୦(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ରାଇଘର ବ୍ଲକରୁ ୩ଜଣ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅବସରପ୍ରାପ୍ତ ଶିକ୍ଷକ ଗଙ୍ଗାଧର ପାଣିଙ୍କ ପୁଅ ଶାଶ୍ୱତ ପାଣି ୧୨୯ ନଂ ସ୍ଥାନରେ ଅଛନ୍ତି। ସେହିଭଳି ଗନା ଉଚ୍ଚପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ବୈଦ୍ଦଲ ଗଣ୍ଡଙ୍କ ଝିଅ ଦୀପାରାଣୀ ଗଣ୍ଡ ୩୫୪ ସ୍ଥାନରେ ରହି ଓସିଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ରାଇଘର ବ୍ଲକ କୁରବେଡ଼ା ପଞ୍ଚାୟତ ଅଧୀନ କଳିଆପଦର ଗ୍ରାମର ବୋହୁ ମୀରା ନାୟକ ୩୦୬ ନଂ ସ୍ଥାନରେ ଅଛନ୍ତି। ମିରା ଓଡ଼ିଶା ପୋଲିସରେ କାର୍ଯ୍ୟରତ। ରାଇଘର ଭଳି ଆଦିବାସୀ ଅଞ୍ଚଳରୁ ୩ଜଣ ଓସିଏସ୍ ପାଇବା ପରେ ଏଠାରେ ଏବେ ଖୁସିର ମାହୋଲ। ସଫଳତା ପାଇବାକୁ ସବୁବେଳେ ଚେଷ୍ଟା କରୁଥିଲି। କଠିନ ପରିଶ୍ରମ ଓ ମା' ବାପାଙ୍କ ଆର୍ଶୀବାଦ ଯୋଗୁ ସଫଳତା ପାଇଛି ବୋଲି ଶାଶ୍ୱତ କହିଛନ୍ତି। ସରକାରୀ ଚାକିରୀ କରିଥିଲି। କିନ୍ତୁ ଜନ ସେବା କରିବା ଇଚ୍ଛା ଥିବାରୁ ଓସିଏସ୍ ପାଇଁ ପ୍ରସ୍ତୁତ ହେଉଥିଲି। ଏଥିପାଇଁ କଠିନ ପରିଶ୍ରମ କରୁଥିଲି। ଯାହା ସଫଳ ହୋଇଛି ବୋଲି ମିରା ନାୟକ କହିଛନ୍ତି। ମୁ ଜଣେ ଆଦିବାସୀ ଅଧ୍ୟୁଷିତ ତଥା ମାଓବାଦୀ ପ୍ରବଣ ଅଞ୍ଚଳର ଝିଅ। ଉପାନ୍ତ ତଥା ଅପହଞ୍ଚ ଇଲାକାର ସମସ୍ୟା ଦେଖି ଆସିଥିବା ବେଳେ ଶିକ୍ଷା ଗ୍ରହଣ ନିମନ୍ତେ ଦିନ ରାତି ପରିଶ୍ରମ କରିଥିଲି। ଯାହା ସଫଳ ହୋଇଛି ବୋଲି ଦୀପାରାଣୀ ଗଣ୍ଡ କହିଛନ୍ତି।



ଶାଶ୍ୱତ ପାଣି



ମୀରା ନାୟକ



ଦୀପାରାଣୀ ଗଣ୍ଡ

## ବାପା ହତ୍ୟାକାରୀ ପୁଅ କୋର୍ଟଚାଲାଣ

ଧରାକୋଟ,୮।୧୦(ଡି.ଏନ୍.ଏ.)

ଧରାକୋଟ ଥାନା ଅନ୍ତର୍ଗତ ଗୋଳା ଦାମୋଦର ପଲି ପଞ୍ଚାୟତର ଘାସିଁଲି ଗ୍ରାମରେ ଗତ ମାସ ୩୦ରେ ପ୍ରଭାକର ସାହୁଙ୍କୁ ତାଙ୍କ ପୁଅ ଅନ୍ତର୍ଯାମୀ ହତ୍ୟା କରିଥିଲେ। ଏ ନେଇ ପ୍ରଭାକରଙ୍କ ସ୍ତ୍ରୀ ଲାବଣ୍ୟ ଧରାକୋଟ ଥାନାରେ ଏତଲା ଦେଇଥିଲେ। ଏହି ଘଟଣାରେ ପୋଲିସ ଶନିବାର ଅଭିଯୁକ୍ତ ପୁଅ ଅନ୍ତର୍ଯାମୀଙ୍କୁ କୋର୍ଟ ଚାଲାଣ କରିଛି। ପାରିବାରିକ କଳହ ଯୋଗୁ ଏହି ହତ୍ୟାକାଣ୍ଡ ଘଟିଥିବା ଥାନା ଅଧିକାରୀ ମମତା ସାମନ୍ତରାୟ ସୂଚନା ପ୍ରଦାନ କରିଛନ୍ତି।

## ବର୍ଷାରେ ଭାଙ୍ଗିଲା ସ୍କୁଲ ପାଚେରି

ଆର.ଉଦୟଗିରି,୮।୧୦(ଡି.ଏନ.ଏ.)

ଲଗାଣ ବର୍ଷା ଯୋଗୁ ମୋହନା ବ୍ଲକ ଲିଲିଗଡ ସ୍କୁଲ ପାଚେରି ଭାଙ୍ଗିଯାଇଛି। ସେପଟେ ମୋହନା ହରଭଙ୍ଗୀ ନଦୀରେ ଜଳସ୍ତର ବୃଦ୍ଧି ଯୋଗୁ ୪ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଗତ କିଛିଦିନ ଧରି ଗଜପତି ଜିଲାରେ ଲଗାଣ ବର୍ଷା ଜାରି ରହିଛି। ପ୍ରବଳ ବର୍ଷା ଯୋଗୁ ଲିଲିଗଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପାଚେରି ଭାଙ୍ଗି ଯାଇଥିବା ବିଦ୍ୟାଳୟ କମିଟି ସଭାପତି କହିଛନ୍ତି। ଏହାର ମରାମତି ପାଇଁ ଦାବି ହୋଇଛି। ସେପଟେ ମୋହନା ହରଭଙ୍ଗୀ ନଦୀ ଉପରେ ନିର୍ମାଣ ହୋଇଥିବା ଅସ୍ଥାୟୀ ପୋଲ ଭାସିଯାଇଛି।

# ଗାଁ ଦଶହରାରେ ଜମୁଛି ଜୁଆଖେଳ, ସର୍ବହରା ହେଉଛନ୍ତି ନିରୀହ ଆଦିବାସୀ

- ପୋଲିସ ପ୍ରଶାସନର ପଡୁନି ଦୃଷ୍ଟି
- ମହିଳାଙ୍କ ମଧ୍ୟରେ ଅସନ୍ତୋଷ

ରାଇଘର, ୮।୧୦(ଡି.ଏନ୍.ଏ.)

ଦଶହରା ସରିବା ପରେ ରାଇଘର ବ୍ଲକରେ ଆରମ୍ଭ ହେଲା ଗାଁ ଦଶହରା। ବ୍ଲକର ୨୬ ପଞ୍ଚାୟତରେ ସାପ୍ତାହିକ ହାଟ ଦିନ ଅନୁଷ୍ଠିତ ହୁଏ ଗାଁ ଦଶହରା। ମଣ୍ଡେଇ ଭଳି ଆୟୋଜିତ ହୁଏ ଗାଁ ଦଶହାରା। ଏହି ଗାଁ ଦଶହରାରେ କିନ୍ତୁ ଜମୁଛି ଜୁଆଖେଳ। ଫଳରେ ସ୍ଥାନୀୟ ନିରୀହ ଆଦିବାସୀ ସର୍ବହରା ହେଉଛନ୍ତି। ଏହାକୁ ନେଇ ମହିଳାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି। ପୂର୍ବରୁ ରାଇଘର ଓ କୁନ୍ଦେଇ ପୋଲିସ ଚଢ଼ାଉ କରି କେତେଜଣଙ୍କୁ ଗିରଫ କରିଛି। ବର୍ତ୍ତମାନ କିନ୍ତୁ ପ୍ରତ୍ୟେକ ହାଟରେ ଜୁଆଖେଳ ଖୁଲମ୍‌ଖୁଲା ଚାଲିଛି। ପୋଲିସ ପାଟ୍ରୋଲିଂ କଡାକଡ଼ି କରି ଜୁଆଖେଳ ସମ୍ପୂର୍ଣ୍ଣ ବନ୍ଦ କରିବା ଦିଗରେ ଗୁରୁତ୍ୱ ଦେବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି।

ଦଶହରା ସରିବା ପରେ ଆଦିବାସୀ ପରମ୍ପରା ଅନୁଯାୟୀ ଗ୍ରାମାଞ୍ଚଳରେ ସ୍ୱତନ୍ତ୍ର ଭାବେ ଗାଁ ଦଶହରା ପାଳନ ହେଉଥିବା ବେଳେ ଏହାକୁ ଟାର୍ଗେଟ କରି ମଣ୍ଡେଇ ମଞ୍ଚରେ ଜୁଆ ଦଲାଲମାନେ ଖୁଡୁଖୁଡ଼ି ଖେଳ କରାଇ ଆଦିବାସୀଙ୍କୁ ଶୋଷଣ କରୁଛନ୍ତି। ପୋଲିସକୁ ଡରି ଏହି ଦଲାଲ ଖେଳ ବନ୍ଦ କରିବା କଥା। କିନ୍ତୁ ସେମାନେ ଖୁଲମ୍‌ଖୁଲା ଏହା ଚଳାଇଛନ୍ତି। ତେଣୁ ଗ୍ରାମାଞ୍ଚଳରେ ଜୁଆଖେଳ ବଢ଼ିବାରେ ଲାଗିଛି। ବର୍ତ୍ତମାନ ଗାଁ ଦଶହରାରେ ବାହାରୁ ଦଲାଲ୍ ଆସି ଖେଳ ଆୟୋଜନ କରୁଛନ୍ତି। ବିଳମ୍ବିତ ରାତିରେ ଏହି ଖେଳ ହେଉଛି। ପୋଲିସ ଚଢ଼ାଉରୁ ବର୍ତ୍ତିବାକୁ ଗାଁଠାରୁ ଅଳ୍ପ ଦୂର ଜଙ୍ଗଲ ମଧ୍ୟରେ ଖେଳ ଆୟୋଜନ କରାଯାଉଛି। କେତେଜଣ ଦଲାଲ୍ ସ୍ଥାନ ପରିବର୍ତ୍ତନ କରି ଖେଳ ଆୟୋଜନ କରାଉଛନ୍ତି। ଜିଲା ପୋଲିସ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏହି ଜୁଆ ଖେଳ ଦ୍ୱାରା ପରିବାରରେ ଅଶାନ୍ତି ହେଉଛି। ଘରେ ସବୁବେଳେ ଗଣ୍ଡଗୋଳ ଲାଗୁଛି। ଲୋକମାନଙ୍କ ଅର୍ଥ ହାନି ହେଉଛି। ଏହି ଖେଳ ଦ୍ୱାରା ସବୁବେଳେ ଅଶାନ୍ତି ହେଉଛି। ଏହି ଖେଳ ବନ୍ଦ ହୋଇଯିବା ଦରକାର। ଏପରି ନ ହେଲେ ପାରିବାରିକ ଅଶାନ୍ତି ଲାଗି ରହିବ ବୋଲି ରାଇଘର ବ୍ଲକ ହାଟଭରଣ୍ଡିର ବାସନ୍ତୀ ଗଣ୍ଡ ଓ ରାଉତପାରା ଗାଁର ତ୍ରିଲୋଚନୀ ପୂଜାରୀ କହିଛନ୍ତି। ରାଇଘର ଥାନା ଏଏସ୍ଆଇ ରବୀନ୍ଦ୍ର ପ୍ରଧାନଙ୍କୁ ପଚାରିବାରୁ ଏ ନେଇ ଆମ ପାଖରେ କୌଣସି ଖବର ନାହିଁ ବୋଲି କହିଛନ୍ତି। ଏଥିସହ ଆଗକୁ ପ୍ରତ୍ୟେକ ହାଟରେ ପୋଲିସ ଚଢ଼ାଉ କରିବ ବୋଲି ସେ ମତ ଦେଇଛନ୍ତି।



## ସଂକ୍ଷେପରେ

### ଯୁବକ ନିଖୋଜ ନେଇ ଥାନାରେ ଅଭିଯୋଗ

ଗୁଣପୁର,୮।୧୦(ଡି.ଏନ୍.ଏ.)-ଗୁଣପୁର ସହର ମୋତିଲାଲ ନଗର ଅଞ୍ଚଳର ଭି.ଶିବ ପ୍ରସାଦ(୩୦) ୪ ତାରିଖରୁ ନିଖୋଜ ଥିବା ପରିବାରବର୍ଗଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏବଂ ଅଗ୍ନିଶମ ବାହିନୀ ଅନୁସନ୍ଧାନ ଚଳାଇଥିଲେ ମଧ ତାଙ୍କ ପତ୍ତା ମିଳିନାହିଁ। ଏହାକୁ ନେଇ ପରିବାର ଲୋକେ ଚିନ୍ତାରେ ଥିବାବେଳେ ପୋଲିସ ପ୍ରୟାସ ଜାରି ରଖିଥିବା ପ୍ରକାଶ କରିଛି।

### ପୂଜା ମହିଳା ଜନତା ଦଳର ଜିଲା କୋଷାଧ୍ୟକ୍ଷ



ଗୁଣପୁର,୮।୧୦(ଡି.ଏନ୍.ଏ.)- ରାୟଗଡ଼ା ଜିଲା ଗୁଣପୁରର ପୂଜା ପାଣିଗ୍ରାହୀ ମହିଳା ଜନତା ଦଳର ଜିଲା କୋଷାଧ୍ୟକ୍ଷ ମନୋନିତ ହୋଇଛନ୍ତି। ପୂଜା ଗୁଣପୁର ଅଞ୍ଚଳର ଯୁବନେତା ରାଜେଶ ପଣ୍ଡାଙ୍କ ସ୍ତ୍ରୀ। ରାଜ୍ୟ ମହିଳା ବିଜେଡିର ସଭାପତି ସ୍ନେହାଙ୍ଗିନି ଛୁରିଆ ତାଙ୍କୁ ଏହି ନୂତନ ଦାୟିତ୍ୱ ପ୍ରଦାନ କରିଛନ୍ତି। ପୂଜାଙ୍କୁ ନୂତନ ଦାୟିତ୍ୱ ମିଳିଥିବାରୁ ବିଭିନ୍ନ ମହଲରୁ ତାଙ୍କ ନିକଟକୁ ଶୁଭେଚ୍ଛା ବାର୍ତ୍ତା ପହଞ୍ଚିଛି। ନୂତନ ଦାୟିତ୍ୱ ପାଇବା ପରେ ପୂଜା ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ମହିଳା ବିଜେଡିର ସଭାପତିଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ଖଟିଆରେ ବୁହା ହେଲେ ଗର୍ଭବତୀ



ଆର.ଉଦୟଗିରି, ୮।୧୦ (ଡି.ଏନ.ଏ.)- ଗଜପତି ଜିଲା ମୋହନା ବ୍ଲକ ପିଲିକା ଗାଁକୁ ଭଲ ରାସ୍ତା ନ ଥିବାରୁ ଜରୁରୀ ସମୟରେ ଆମ୍ବୁଲାନ୍ସ ଆସିପାରୁନି। ଯାହାଫଳରେ ରୋଗୀ, ଗର୍ଭବତୀ ଖଟିଆରେ ବୁହା ହେଉଛନ୍ତି। ଶନିବାର ସକାଳେ ଏଭଳି ଏକ ଘଟଣା ଦେଖିବାକୁ ମିଳିଛି। ଗାଁର ସୁକାନ୍ତ ମଣ୍ଡଳଙ୍କ ସ୍ତ୍ରୀ ପ୍ରମିଳାଙ୍କ ଗର୍ଭ ଯନ୍ତ୍ରଣା ହେବାରୁ ଆମ୍ବୁଲାନ୍ସକୁ ଖବର ଦିଆଯାଇଥିଲା। ହେଲେ ରାସ୍ତା ଖରାପ ଯୋଗୁ ଗାଁକୁ ଆମ୍ବୁଲାନ୍ସ ଆସିପାରିଲାନି। ଆଶା କର୍ମୀ ଗ୍ରାମବାସୀଙ୍କ ସହାୟତାରେ ପ୍ରମିଳାଙ୍କୁ ପିଲିକା ଗାଁରୁ ପୁଇପାଣି ଛକ ଯାଏଁ ୫ କି. ମି ଘାଟି ରାସ୍ତାରେ ଖଟିଆରେ ବୋହି ନେଇଥିଲେ। ସେଠାରୁ ଏକ ଗାଡି ଭଡା କରି ବିରିକୋଟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରମିଳାଙ୍କ ଏକ ପୁତ୍ର ସନ୍ତାନ ଜନ୍ମ ନେଇଛି। ମା' ଓ ଶିଶୁଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ଥିବା ଡାକ୍ତର କହିଛନ୍ତି।

### ଜମାଲଉଦ୍ଦିନ ବାବାଙ୍କ ଉର୍ସ ଉଦ୍‌ଯାପିତ

ସୋରଡ଼ା,୮।୧୦(ଡି.ଏନ୍.ଏ.)- ସୋରଡ଼ାରେ ମୁସଲମାନ ସମ୍ପ୍ରଦାୟ ତରଫରୁ ଆୟୋଜିତ ୩ ଦିନିଆ ଜମାଲଉଦ୍ଦିନ ବାବାଙ୍କ ଉର୍ସ ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଗୁରୁବାର ଉର୍ସ ଶୁଭାରମ୍ଭ ଦିନରେ ସାମୂହିକ ନମାଜ ପାଠ ସହ ମସ୍‌ଜିଦ୍‌କୁ ସୁନ୍ଦର ଆଲୋକ ମାଳରେ ସଜ୍ଜା ଯାଇଥିଲା। ସମସ୍ତ ଶ୍ରଦ୍ଧାଳୁ ନୂତନ ବସ୍ତ୍ର ପରିଧାନ ସହ ପରସ୍ପରକୁ ଆନ୍ତରିକ ଶୁଭେଚ୍ଛା ପ୍ରଦାନ କରିଥିଲେ। ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ଦରଘାଠାରୁ ସମସ୍ତେ ଝଣ୍ଡା ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିଥିଲେ। ବିଶ୍ୱଶାନ୍ତି ପ୍ରାର୍ଥନା କରାଯାଇଥିଲା।

# ରାୟଗଡ଼ା ଓଭରବ୍ରିଜ୍ ଶୀଘ୍ର ମରାମତି କରାଯାଉ: ସପ୍ତଗିରି

■ ବିପଜ୍ଜନକ ଅବସ୍ଥାରେ ଓଭରବ୍ରିଜ୍
■ ସ୍ଥିତି ପରଖିଲେ ଏମ୍‌ପି

ରାୟଗଡ଼ା ଅଫିସ,୮।୧୦

ରାୟଗଡ଼ା ସହର ସ୍ଥିତ ଓଭରବ୍ରିଜ ବିପଜ୍ଜନକ ଅବସ୍ଥାରେ ରହିଛି। ବ୍ରିଜ୍‌ରେ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଏବେ ପ୍ରବଳ ବର୍ଷା ଜାରି ରହିଥିବାବେଳେ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। ଶନିବାର କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ଓଭରବ୍ରିଜ୍ ନିକଟକୁ ଯାଇ ସ୍ଥିତି ଅନୁଧାନ କରିବା ସହ ଶୀଘ୍ର ଏହାର ମରାମତି ପାଇଁ ଦାବି କରିଛନ୍ତି।

ରାୟଗଡ଼ାର ଲାଇଫ୍‌ଲାଇନ କୁହାଯାଉଥିବା ଏହି ଓଭରବ୍ରିଜ୍ ଉପର ଦେଇ ପ୍ରତ୍ୟେକ ଦିନ ଅନେକ ଭାରିଯାନ ଯାତାୟାତ କରୁଛି। ବ୍ରିଜ୍ ପ୍ରସଙ୍ଗ ପୂର୍ବରୁ ଏମ୍‌ପି ପାର୍ଲାମେଣ୍ଟରେ ମଧ ଉଠାଇଥିଲେ। ତଥାପି ଏଥିପ୍ରତି ଗୁରୁତ୍ୱ ଦିଆଯାଉ ନ ଥିବା ସେ ଅଭିଯୋଗ କରିଛନ୍ତି। ବିଗତ ଦିନରେ କୋରାପୁଟ ସ୍ଥିତ ବ୍ରିଜ୍ ଭୁଶୁଡ଼ି ପଡ଼ିଥିବାବେଳେ ରାୟଗଡ଼ାର ଏହି ବ୍ରିଜ୍‌ର ସୁରକ୍ଷାକୁ ନେଇ ମଧ ପଶ୍ନ ଉଠିଛି। ଏଥିପାଇଁ ବିଭାଗୀୟ ଅଧିକାରୀ ଦାୟୀ। ଓଭରବ୍ରିଜ୍ ଭୁଶୁଡ଼ିଲେ ଏଥିପାଇଁ ପ୍ରଶାସନ ଦାୟୀ ରହିବ। ସେହିପରି ଏହାର ସ୍ଥାୟୀ ମରାମତି ବ୍ୟବସ୍ଥା ନ ହେଲେ ଅଗାମି ଦିନରେ ଆନ୍ଦୋଳନ କରାଯିବ ବୋଲି ଉଲାକା କହିଛନ୍ତି। ଏଥିସହ ବ୍ରିଜ୍ ମରାମତି କରାଯିବା ପର୍ଯ୍ୟନ୍ତ ଭାରିଯନ ଅନ୍ୟରାସ୍ତାରେ ଚଳାଚଳ କରିବା ବ୍ୟବସ୍ଥା କରାଯାଉ ବୋଲି ସେ ଦାବି କରିଛନ୍ତି।



କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ଓଭରବ୍ରିଜ୍‌ର ସ୍ଥିତି ଅନୁଧାନ କରୁଛନ୍ତି।

# ପୋଖରୀରୁ ମିଳିଲା ହାତଗୋଡ଼ ବନ୍ଧା ମୃତଦେହ

ଟିକିରି(ଡି.ଏନ୍.ଏ.)/ରାୟଗଡ଼ା ଅଫିସ,୮।୧୦

ରାୟଗଡ଼ା ଜିଲା କାଶୀପୁର ବ୍ଲକ ପୋଡ଼ାପାଡ଼ି ପଞ୍ଚାୟତ ବନ୍ଧପଦର ଗ୍ରାମର ନିଖୋଜ ପହଲି ମାଝି(୫୨)ଙ୍କ ମୃତଦେହ ୪ ଦିନ ପରେ ଶନିବାର ପୋଖରୀରୁ ଜବତ କରାଯାଇଛି। ହାତଗୋଡ଼ ବନ୍ଧା ଅବସ୍ଥାରେ ତାଙ୍କ ମୃତଦେହ ଏକ ବସ୍ତାରୁ ମିଳିଛି। ତାଙ୍କୁ ହତ୍ୟା କରାଯାଇଥିବା ତଦନ୍ତରୁ ସ୍ପଷ୍ଟ ହୋଇଛି। ଏହି ମାମଲାରେ ୪ ଜଣଙ୍କୁ ଅଟକରଖି ପୋଲିସ ପଚରାଉଚରା କରୁଛି। ଗୁଣିଗାରେଡ଼ି ସନ୍ଦେହରେ ତାଙ୍କୁ ହତ୍ୟା କରାଯାଇଥିବା ପହଲିଙ୍କ ପୁଅ କହିଛନ୍ତି। ଅନ୍ୟପକ୍ଷରେ ଗୁଣିଗାରେଡ଼ି ସନ୍ଦେହ ନୁହେଁ, ଅନ୍ୟ ଶତ୍ରୁତାକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିବା ଅଭିଯୁକ୍ତମାନେ ପୋଲିସ ନିକଟରେ ପ୍ରକାଶ କରିଛନ୍ତି। ତେଣୁ ଉଭୟ ଦିଗକୁ ନେଇ ତଦନ୍ତ ଜାରି ରହିଥିବା ଟିକିରି ଥାନା ଅଧିକାରୀ ଦେବ୍ ମଲ୍ଲିକ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଦଶହରା ଦିନ

**ଗୁଣି ସନ୍ଦେହରେ ହତ୍ୟା ଅଭିଯୋଗ**

ପହଲି ଘରୁ କୌଣସି କାମରେ ଯାଇ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରି ବିଫଳ ହେବାପରେ ଗୁରୁବାର ଟିକିରି ଥାନାରେ ନିଖୋଜ ନେଇ ଏତଲା ଦେଇଥିଲେ। ୧୩୫/୨୨ ରେ ଏକ ମାମଲା ରୁଜୁକରି ପୋଲିସ ଅନୁସନ୍ଧାନ ଚଳାଇଥିବାବେଳେ ଶନିବାର ବସ୍ତାରେ ଭର୍ତ୍ତି ମୃତଦେହ ପୋଖରୀରେ ଭାସୁଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଖବର ପାଇ ପୋଲିସ ଦମକଳ ବାହିନୀ ସହାୟତାରେ ପୋଖରୀରୁ ବସ୍ତାକୁ ବାହାର କରିଥିଲା। ମୃତଦେହ ପହଲିଙ୍କର ବୋଲି ସ୍ପଷ୍ଟ ହୋଇଥିଲା। ତଦନ୍ତ ପରେ ହତ୍ୟାକାଣ୍ଡର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ଅଭିଯୁକ୍ତଙ୍କ ମଧ୍ୟରେ ନାବାଳକ ମଧ ରହିଛନ୍ତି। ସମସ୍ତ ଅଭିଯୁକ୍ତଙ୍କ ପ୍ରକୃତ ବୟସ ସ୍ପଷ୍ଟ ହୋଇ ନ ଥିବାରୁ ପୋଲିସ ସେମାନଙ୍କ ନାମ ପ୍ରକାଶ କରିନାହିଁ।

# ଏସ୍‌ପିଙ୍କ ବିରୋଧରେ ଆଦିବାସୀ ନେତାଙ୍କ ଅଭିଯୋଗ

ରାୟଗଡ଼ା ଅଫିସ,୮।୧୦

**ରାୟଗଡ଼ାରେ ଖରବଦାତା ସମ୍ମିଳନୀ**

ଆଦିବାସୀ ନେତା ତଥା ବହୁଜନ ସମାଜ ପାର୍ଟିର ରାୟଗଡ଼ା ଜିଲା ସଭାପତି ଜିତୁ ଜାକେସିକାଙ୍କୁ ରାୟଗଡ଼ା ଏସ୍‌ପି ବିବେକାନନ୍ଦ ଶର୍ମା ଦୁର୍ବ୍ୟବହାର କରିବା ସହ ମିଥ୍ୟା ମାମଲାରେ ଛନ୍ଦି ଜେଲରେ ଭର୍ତ୍ତି କରିବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି। ରାୟଗଡ଼ା ସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳା ଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନିରେ ଖୋଦ ଜିତୁ ଏଭଳି ଅଭିଯୋଗ କରିଛନ୍ତି। କଲ୍ୟାଣସିଂହପୁର ବ୍ଲକରେ ସରକାରଙ୍କ ପକ୍ଷରୁ ଏକଲବ୍ୟ ମଡେଲ ସ୍କୁଲ ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଛି। ତେବେ ଅଞ୍ଚଳର ଅଦିବାସୀଙ୍କ ଚାଷଜମି ବଦଳରେ ଅନ୍ୟ ସରକାରୀ ଜାଗାରେ ସ୍କୁଲ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଆଦିବାସୀଙ୍କ ନେତା ଭାବେ ସେମାନଙ୍କ ଦାବିକୁ ସମର୍ଥନ ଜଣାଇବା ସହ ଚାଷଜମିରେ ସ୍କୁଲ ନିଷ୍ପତ୍ତିକୁ ବିରୋଧ କରିବାରୁ ଏସ୍‌ପି ଫୋନ୍‌ରେ ଧମକ ଦେଇଥିବା ସେ ଅଭିଯୋଗ କରିଛନ୍ତି।

ସ୍କୁଲ ନିର୍ମାଣକୁ ବିରୋଧ କରିବା ପାଇଁ ତୁ ଆଦିବାସୀଙ୍କୁ ପ୍ରବର୍ତ୍ତାଉଛୁ। ତୋ ନାଁରେ ଅନେକ ଅଭିଯୋଗ ଅଛି, ମିଥ୍ୟା ମାମଲାରେ ଜେଲ୍‌ରେ ଭର୍ତ୍ତି କରିଦେବି ବୋଲି ବୋଲି ଏସ୍‌ପି ଫୋନ୍‌ରେ କହିଥିବା ଜିତୁ ପ୍ରକାଶ କରିଛନ୍ତି। ଏଥିରେ ସମ୍ମାନହାନୀ ସହ ମାନବାଧିକାର କ୍ଷୁର୍ଣ୍ଣ ହୋଇଛି। ତେଣୁ ନ୍ୟାୟ ନ ମିଳିଲେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଜିତୁ ଚେତାବନି ଦେଇଛନ୍ତି। ଆଦିବାସୀଙ୍କ ସାମାଜିକ ନ୍ୟାୟ ଓ ମୌଳିକ ଅଧିକାର ପାଇଁ ଲଢ଼େଇ ଜାରି ରହିଛି। ପ୍ରଶାସନ ପକ୍ଷରୁ ଆଦିବାସୀଙ୍କ ଉନ୍ନତି ଦିଗରେ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ହେଲେ ଏଠାରେ ସ୍କୁଲ ନାଁରେ ଭୂମୀହିନ ଆଦିବାସୀଙ୍କ ଚାଷଜମି ଛଡ଼ାଇ ନେବାକୁ ଉଦ୍ୟମ କରାଯାଉଛି ବୋଲି ଜିତୁ ଅଭିଯୋଗ କରିଛନ୍ତି। କୌଣସି ସରକାରୀ ପ୍ରକଳ୍ପ କାର୍ଯ୍ୟକାରୀ ହେବା ପୂର୍ବରୁ ଗ୍ରାମସଭା କରି ଗ୍ରାମବାସୀଙ୍କ ମତାମତ ନେବା ଜରୁରୀ। ବିନା ଗ୍ରାମସଭାରେ ଆଦିବାସୀଙ୍କ ଚାଷଜମିରେ ସ୍କୁଲ କରିବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି ୫୦ ପ୍ରତିଶତରୁ ଊର୍ଦ୍ଧ୍ୱ ଆଦିବାସୀ ଥିବା ଗ୍ରାମରେ ପେସା(ପଞ୍ଚାୟତସ୍ ଏକ୍ସଟେନ୍‌ସନ ଟୁ ସେଡ୍ୟୁଲ୍‌ଡ ଏରିଆ)ଆଇନ ଲାଗୁ କରିବା ନିୟମ ଥିଲେ ମଧ ଏଠାରେ ଶତ ପ୍ରତିଶତ ଆଦିବାସୀ ବସବାସ କରୁଥିବା ଗ୍ରାମରେ ଏହି ଆଇନ ଲାଗୁ ନ କରିବା ପ୍ରଶାସନର ଆଦିବାସୀ ବିରୋଧୀ ନୀତି ବୋଲି ଜିତୁ କହିଛନ୍ତି।




ଆଦିବାସୀ ନେତା ଜିତୁ ଜାକେସିକାଙ୍କ ନେତୃତ୍ୱରେ ପ୍ରତିବାଦ କାର୍ଯ୍ୟକ୍ରମ ।

# ମାନସ ମଙ୍ଗରାଜ ପରିବହନ ଷ୍ଟାଣ୍ଡିଂ କମିଟି ସଦସ୍ୟ

ଭୁବନେଶ୍ୱର,୮।୧୦(ବ୍ୟୁରୋ)

ନବନିର୍ବାଚିତ ବିଜେଡି ରାଜ୍ୟସଭା ସଦସ୍ୟମାନଙ୍କୁ ସଂସଦର ବିଭିନ୍ନ ଷ୍ଟାଣ୍ଡିଂ କମିଟିରେ ନିଯୁକ୍ତି ଦିଆଯାଇଥିବା ବେଳେ ପୂର୍ବରୁ ଥିବା ସଦସ୍ୟମାନଙ୍କୁ ଭିନ୍ନ ଭିନ୍ନ କମିଟିରେ ରଖାଯାଇଛି। ମାନସ ମଙ୍ଗରାଜଙ୍କୁ ପରିବହନ, ପର୍ଯ୍ୟଟନ ଓ ସଂସ୍କୃତି ଷ୍ଟାଣ୍ଡିଂ କମିଟିର ସଦସ୍ୟ ମନୋନୀତ କରାଯାଇଥିବା ବେଳେ ସୁଲତା ଦେଓଙ୍କୁ ଶିଳ୍ପ, ନିରଞ୍ଜନ ବିଶିଙ୍କୁ ବିଜ୍ଞାନ ଓ ପ୍ରଯୁକ୍ତି, ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ କମିଟିର ସଦସ୍ୟ ନିଯୁକ୍ତ କରାଯାଇଛି। ସେହିପରି ସସ୍ମିତ ପାତ୍ରଙ୍କୁ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ଷ୍ଟାଣ୍ଡିଂ କମିଟିର ସଦସ୍ୟ ଭାବେ ଚୟନ କରାଯାଇଛି। ଅନୁରୂପ ଭାବେ ପ୍ରଶାନ୍ତ ନନ୍ଦଙ୍କୁ ରେଲୱେ, ଅମର ପଟ୍ଟନାୟକଙ୍କୁ ଅର୍ଥ, ସୁଜିତ କୁମାରଙ୍କୁ ସ୍ୱରାଷ୍ଟ୍ର , ମୁଜିବୁଲ୍ଲା ଖାଁଙ୍କୁ ଶକ୍ତି ଏବଂ ମମତା ମହାନ୍ତଙ୍କୁ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ଷ୍ଟାଷ୍ଟିଂ କମିଟିରେ ଅବସ୍ଥାପିତ କରାଯାଇଛି।

# ଆୟାପ୍ପା ମାଳା ଧାରଣ କଲେ ୫୭



ଦୀକ୍ଷା ଗ୍ରହଣ କରିଥିବା ସ୍ୱାମୀମାନେ।

ଉମରକୋଟ, ୮।୧୦(ସ୍ୱ.ପ୍ର.)

ଉମରକୋଟର ଡିଏନ୍‌କେ ସ୍ଥିତ ଇଶାନେଶ୍ୱର ମହାଦେବ ମନ୍ଦିରରେ ୫୭ ଜଣ ସ୍ୱାମୀ ଆୟାପା ଦୀକ୍ଷା ଗ୍ରହଣ କରିଛନ୍ତି। ଉମରକୋଟର ୩୬ ଜଣ ଏବଂ ଡାବୁଗାଁର ୨୧ ଏହି ଦୀକ୍ଷା ଗ୍ରହଣ କରିଛନ୍ତି। ଉମରକୋଟରୁ ଦୀକ୍ଷା ଗ୍ରହଣ କରିଥିବା ୩୬ ଜଣ ମଧ୍ୟରୁ ୧୩ ଜଣ ନୂତନ ସ୍ୱାମୀ ରହିଛନ୍ତି। ସମସ୍ତ ସ୍ୱାମୀଙ୍କୁ ଜୟପୁରର ରାବଣା ଗୁରୁ ସ୍ୱାମୀ ମାଳା ଧାରଣ କରାଇ ଦୀକ୍ଷା ଦେଇଥିଲେ। ଏହି ଦୀକ୍ଷା ଗ୍ରହଣ କରିଥିବା ସ୍ୱାମୀମାନେ ୪୧ ଦିନ ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟ ଜୀବନ ଯାପନ କରିବେ। ଗୁରୁ ସ୍ୱାମୀ ମାଳା ଧାରଣ ପରେ ୧୩ ଜଣ ନୂତନ ଓ ଅନ୍ୟ ସ୍ୱାମୀମାନଙ୍କୁ ଦୀକ୍ଷାର ନିୟମ ବିଷୟରେ ବୁଝେଇଥିଲେ। ୪୧ ଦିନ ଦୀକ୍ଷା ପୂରଣ କଲାପରେ କେରଳସ୍ଥିତ ଶାବରିମାଲା ଯାଇ ଆୟାପ୍ପା ଦର୍ଶନ କରି ଦୀକ୍ଷା ଭଙ୍ଗ କରାଯିବ ବୋଲି କହିଛନ୍ତି ଆୟାପା ସେବା ସଂଘ ସଭାପତି ନଳିନୀ ରଞ୍ଜନ ମିଶ୍ର ସ୍ୱାମୀ । ଉମରକୋଟରୁ ଜି.କଲ୍ୟାଣ, ହରି ହରିଜନ, ସନ୍ତୋଷ ସାହୁ, ସୀମା ମାଝି, ଅଭିଲାଷ ବେହେରା, କାହ୍ନୁଚରଣ ଦଣ୍ଡସେନା, ଅଭିଷେକ ଅଗ୍ରୱାଲ, ଦିଲୀପ ପଣ୍ଡା, ରବୀନ୍ଦ୍ର ବରାଡ଼, ଜି. ହୀରାଜ, ରାଧାମୋହନ ପଟ୍ଟନାୟକ, ଗୌତମ ସେଠୀ, ସୁରେଶ ବେହେରା ପ୍ରମୁଖ ଦୀକ୍ଷା ଗ୍ରହଣ କରିଛନ୍ତି। ଏହି ସମୟରେ ଉମରକୋଟ ଆୟାପ୍ପା ସେବା ସଂଘ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ସିସିଟିଭିରେ ଚୋରି ଦୃଶ୍ୟ କଏଦ

ଗୁଡାରୀ,୮।୧୦(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଡାରୀ ସ୍ଥିତ ହନୁମାନ ପ୍ରତିମୂର୍ତ୍ତି ନିକଟସ୍ଥ ଦାମୋଦର ରଥଙ୍କ ଘର ବାରଣ୍ଡାରୁ ଶୁକ୍ରବାର ରାତିରେ ଏକ ସାଇକେଲ ଚୋରି ହୋଇଛି। ଏହାର ସିସିଟିଭି ଫୁଟେଜ କଏଦ ହୋଇଛି। ଏ ନେଇ ଗୁଡାରୀ ଥାନାରେ ଅଭିଯୋଗ ମୌଖିକ ଅଭିଯୋଗ ସହ ସିସିଟିଭି ଫୁଟେଜ ଦାଖଲ କରାଯାଇଛି। ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପୋଲିସ ପ୍ରକାଶ କରିଛି। କିଛିଦିନ ତଳେ ଗୁଡାରୀ ନିକଟସ୍ଥ ସର୍ଗିଗୁଡ଼ା ଗ୍ରାମରେ ମଧ ଘରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତ ଚୋରି କରିଥିଲେ। ହେଲେ ଏ ପର୍ଯ୍ୟନ୍ତ ଅଭିଯୁକ୍ତ ଧରାପଡ଼ି ନାହାନ୍ତି।

# ସିଭିଲ ସର୍ଭିସ ପରୀକ୍ଷାରେ ଆଦିବାସୀ ଝିଅ ତପସ୍ୱିନୀଙ୍କ ସଫଳତା

ବିଷମକଟକ(ଡି.ଏନ୍.ଏ.), ରାୟଗଡ଼ା ଅଫିସ,୮।୧୦



ତପସ୍ୱିନୀ କୁଟ୍ରୁକା

ରାୟଗଡ଼ା ଜିଲା ବିଷମକଟକ ବ୍ଲକ କାଙ୍କୁବାଡ଼ି ପଞ୍ଚାୟତ ମଣ୍ଡାପାଇ ଗ୍ରାମର ତପସ୍ୱିନୀ କୁଟ୍ରୁକା ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ ଉତ୍ତିର୍ଣ୍ଣ ହୋଇଛନ୍ତି। ସେ ୩୭୨ ର୍ୟାଙ୍କରେ ରହିଛନ୍ତି। ତପସ୍ୱିନୀ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ଅଙ୍ଗଦ କୁଟ୍ରୁକାଙ୍କ ସାନଝିଅ।

ଛୋଟବେଳୁ ତପସ୍ୱିନୀ ମେଧାବି ଛାତ୍ରୀ ରୂପେ ପରିଚିତ। ୫ମ ଶ୍ରେଣୀରୁ ଜବାହାର ନବୋଦୟ ବିଦ୍ୟାଳୟରେ ପାଠପଢ଼ି ଉତ୍ତିର୍ଣ୍ଣ ହେବାପେରେ ସେ ଭୁବନେଶ୍ୱର ସ୍ଥିତ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଜୀବ ବିଜ୍ଞାନରେ ଏମ୍‌ଏସ୍‌ସି କରିଥିଲେ। ଏହାପରେ ରାୟଗଡ଼ା ଠାରେ ବ୍ୟାଙ୍କରେ କାର୍ଯ୍ୟରତ ଥିଲେ। କାମ ମଧ୍ୟରୁ ସମୟ ବାହାର କରି ତପସ୍ୱିନୀ ଓଏଏସ୍ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ। ତାଙ୍କ ସଫଳତାକୁ ନେଇ ମଣ୍ଡାପାଇ ଗ୍ରାମରେ ଖୁସିର ଲହରି ଖେଳିଯାଇଛି। ବିଷମକଟକ ଭଳି ଉପାନ୍ତ ଅଞ୍ଚଳରୁ ଆଗକୁ ଆସି ସଫଳତା ପାଇଥିବାରୁ ଆଦିବାସୀ ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା ତପସ୍ୱିନୀଙ୍କୁ ଫୋନ୍‌ରେ ଶୁଭେଚ୍ଛା ଜଣାଇଛନ୍ତି।

# ଫାଇନାନ୍ସ କର୍ମଚାରୀଙ୍କୁ ମାଡ଼ ମାରି ଟଙ୍କା ଲୁଟ ଅଭିଯୋଗ

ବୁଗୁଡ଼ା,୮।୧୦(ଡି.ଏନ.ଏ)

ବୁଗୁଡ଼ା ଥାନା ଅନ୍ତର୍ଗତ କରଚୁଲି ନିକଟସ୍ଥ ବାଘୁଆଠାରେ ଶନିବାର ଜନୈକ ଫାଇନାନ୍ସ କର୍ମଚାରୀଙ୍କୁ ମାଡ ମାରି ତାଙ୍କନିକଟରୁ ୭୦ ହଜାର ଟଙ୍କା ଲୁଟିଥିବା ଅଭିଯୋଗ ହୋଇଛି। ନୟାଗଡ଼ ଅଞ୍ଚଳର ଆରବିଏଲ ଫାଇନାନ୍ସ କମ୍ପାନୀ କର୍ମଚାରୀ ରାଜେଶ ମହାପାତ୍ର ଗ୍ରୁପ ଲୋନ ସଂଗ୍ରହ କରିବା ପାଇଁ ବାଇକରେ ବୁଗୁଡ଼ା ଅଞ୍ଚଳକୁ ଆସିଥିଲେ। ବୁଗୁଡା ଥାନା ଅଞ୍ଚଳର ବାଘୁଆଠାରେ ପହଞ୍ଚିବା ବେଳକୁ ପୂର୍ବ ପ୍ରସ୍ତୁତି ଅନୁସାରେ ୪ ଅଜଣା ଯୁବକ ତାଙ୍କୁ ଅଟକାଇ ମାଡ ମାରିବା ସହ ତାଙ୍କଠାରୁ ୭୦ ହଜାର ଟଙ୍କା ଲୁଟିନେଇ ଫେରାର୍ ହୋଇଯାଇଥିଲେ। ଏନେଇ ଫାଇନାନ୍ସ କର୍ମଚାରୀ ଜଣକ ବୁଗୁଡ଼ା ଥାନାରେ ଖବର ଦେଇଥିଲେ। ଆଇଆଇସି ଚିତ୍ତ ରଞ୍ଜନ ବେହେରାଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ପହଞ୍ଚି ଘଟଣାର ଛାନଭିନ କରୁଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।

# ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କଲା ଭାଜପା

ଫୁଲବାଣୀ ଅଫିସ,୮।୧୦

**ଗର୍ଭବତୀ ଛାତ୍ରୀ ମୃତ୍ୟୁ ଘଟଣା**

କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ ବେଲଘର ଗ୍ରାମପଞ୍ଚାୟତର ଏକ ଆବାସିକ ଉଚ୍ଚ ବାଳିକା ବିଦ୍ୟାଳୟର ଜଣେ ସପ୍ତମ ଶ୍ରେଣୀ ଛାତ୍ରୀ ରାତିରେ ମୃତ ଶିଶୁପୁତ୍ର ଜନ୍ମ ଦେଇଥିଲେ। ମୃତ ଶିଶୁ ଜନ୍ମ ପରେ ଛାତ୍ରୀଙ୍କୁ ଗୁରୁତର ଅବସ୍ଥାରେ ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଗୁରୁବାର ଛାତ୍ରୀଙ୍କ ମଧ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଶନିବାର ଭାଜପା ଯୁବମୋର୍ଚ୍ଚା ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଛି।

ଛାତ୍ରୀ ଜଣକ ମାସେ ତଳେ ଗର୍ଭବତୀ ଥିବା କଥା ଜଣା ପଡିବା ପରେ ତାଙ୍କୁ ବ୍ରହ୍ମପୁର ମେଡିକାଲରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଜି. ଉଦୟଗିରିର ଏକ ସେବା ସଦନରେ ପ୍ରଶାସନ ପକ୍ଷରୁ ରଖାଯାଇଥିଲା। ଗତ ୫ ତାରିଖରେ ଗର୍ଭବତୀ ଛାତ୍ରୀର ସ୍ୱାସ୍ଥ୍ୟବସ୍ଥା ଖରାପ ହେବା ସତ୍ତ୍ୱେ ତାଙ୍କୁ ବହୁ ବିଳମ୍ବରେ ଡାକ୍ତରଖାନାରେ ଭର୍ତ୍ତି କରାଗଲା। ଡାକ୍ତରଖାନାରେ ଚିକିତ୍ସା ଆରମ୍ଭ ପରେ ପର ଦିନ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା । ଏହି ମେଡିକାଲରେ ଶିଶୁ ଓ ସ୍ତ୍ରୀ ବିଶେଷଜ୍ଞ ନାହାନ୍ତି। ଛୁଆ ଜନ୍ମ ପରେ ଆଇସିୟୁର ବ୍ୟବସ୍ଥା ନାହିଁ। ନାବାଳିକା ଛାତ୍ରୀଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ଥିଲେ ସୁଦ୍ଧା ବଡ଼ ମେଡିକାଲକୁ ସ୍ଥାନାନ୍ତର ନ କରି ସେଠାରେ ପକାଇ ରଖିବା ଜିଲା ପ୍ରଶାସନର ଅବହେଳାର ପରିଚୟ ସୃଷ୍ଟି କରିଛି । ଏହି ଘଟଣାରେ ଦାୟୀ ସମସ୍ତଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ଜିଲା ସଭାପତି ଗୋଲକ ବିହାରୀ କହଁର ପ୍ରକାଶ କରିଛନ୍ତି। ଏ ସମ୍ପର୍କିତ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଜଗନ୍ନାଥ ସାହୁ, ଉପ ସଭାପତି ସୁଧାଂଶୁ ଗୁରୁ, ନଗର ଯୁବମୋର୍ଚ୍ଚା ସଭାପତି ଅରବିନ୍ଦ ପଟ୍ଟନାୟକ, ସମ୍ପାଦକ ଗୌତମ ମଲ୍ଲିକ, ଗୋଲୋକ ମଲ୍ଲିକ, ଯୁବନେତା ରାଇକିଶୋର ପ୍ରଧାନ ପ୍ରମୁଖ ସାମିଲ୍ ଥିଲେ।



ଭାଜପା ଯୁବମୋର୍ଚ୍ଚା କର୍ମକର୍ତ୍ତାମାନେ।

# ମାଁ ଦୁର୍ଗାଙ୍କ ଭସାଣି ଉତ୍ସବ

ଟିକିରି,୮।୧୦(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ଠାରେ ମାଁ ଦୁର୍ଗାଙ୍କ ଭସାଣୀ ଉତ୍ସବ ଶନିବାର ସମ୍ପନ୍ନ ହୋଇଛି। ପୂଜା ମଣ୍ଡପ ଠାରୁ ଭସାଣୀ ଯାତ୍ରା ବାହାରିଥିବାବେଳେ ସୋରିଷପଦର ନଦୀରେ ମାଁଙ୍କ ପ୍ରତିମା ବିସର୍ଜନ କରାଯାଇଛି। ଶାନ୍ତିଶୃଙ୍ଖଳା ନିମନ୍ତେ ପୋଲିସ ଫୋର୍ସ ମୁତୟନ ହୋଇଥିଲେ।



ରାୟଗଡ଼ା ଜିଲା ଟିକିରିଠାରେ ମା'ଙ୍କ ଭସାଣି ଶୋଭାଯାତ୍ରା ।



ଗୁଡରୀ,୮।୧୦(ଡି.ଏନ୍.ଏ.)

ଗୁଡାରୀ ଟାଉନ ଦୁର୍ଗା ପୂଜା କମିଟି ପକ୍ଷରୁ ଶନିବାର ମାଁ ଦୁର୍ଗାଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଶ୍ଚିମ ଓଡ଼ିଶାର ଷ୍ଟାଚ୍ୟୁ କଳାକୃତି ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା। ପୂଜା କମିଟି ସଭାପତି ସନ୍ତୋଷ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଭସାଣି ଶୋଭାଯାତ୍ରାରେ କମିଟି ସଦସ୍ୟ, ସହରବାସୀ ଓ ନିକଟସ୍ଥ ଅଞ୍ଚଳବାସୀ ସାମିଲ ହୋଇଥିଲେ। ଡିଜେ ସାଉଣ୍ଡ ସାଙ୍ଗକୁ ଘୁମୁରା ଲୋକବାଦ୍ୟ, ଦେଶୀ ଘୁମୁରା ବାଦ୍ୟ ଓ ରଙ୍ଗ ବେରଙ୍ଗର ଆତସବାଜି ଶବ୍ଦରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ସହର ପରିକ୍ରମା ପରେ ବଂଶଧାରା ନଦୀରେ ମାଁଙ୍କ ପ୍ରତିମାକୁ ବିସର୍ଜନ କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଗୁଡାରୀ ଥାନା ଅଧିକାରୀ ଦୀନବନ୍ଧୁ ଶବରଙ୍କ ନେତୃତ୍ୱରେ ପୋଲିସ ମୁତୟନ ଥିଲେ।

